**ମାସକ ଭିତରେ ୩ ହତ୍ୟାକାଣ୍ଡ**

# ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି ଅପରାଧ

**ବଲାଙ୍ଗିର, ୩।୪(ସମିସ)**

ବଲାଙ୍ଗିର ଜିଲ୍ଲାରେ ବଢ଼ିବଢ଼ି ଚାଲିଛି ଅପରାଧ। କଥା କଥାରେ ଘଟୁଛି ହତ୍ୟାକାଣ୍ଡ। ଅପରାଧୀଙ୍କୁ ଧରିବାରେ ସଫଳ ହେଉଛି ପୁଲିସ। ମାତ୍ର ଅପରାଧ ରୋକିପାରୁନି। ଯାହାଫଳରେ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ରହିଥିବା ଜଣାପଡ଼ିଛି। ନୂଆ ଏସ୍‌ପି ଯୋଗଦେବାର ମାସକ ଭିତରେ ତିନୋଟି ହତ୍ୟାକାଣ୍ଡ ଘଟିବା ଏସ୍‌ପି ଓ ପୁଲିସ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପ୍ରକାଶ ଯେ ଗତ ମାର୍ଚ୍ଚ ୫ ତାରିଖ ଦିନ ବଲାଙ୍ଗିର ଜିଲ୍ଲାର ନୂତନ ଏସ୍‌ପି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଆଇପିଏସ ଅଭିଳାଷ ଜି.। ଏହାର ଠିକ୍ ଦିନକ ପରେ ଅର୍ଥାତ ୬ ତାରିଖ ଦିନ ତୁଷୁରା ଥାନା ଅଧୀନ ମାଡ଼କେଲା ପଞ୍ଚାୟତସ୍ଥିତ ଆଟଗାଁ ରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଲା। ଉକ୍ତ ଗ୍ରାମର ଶ୍ୟାମ ବାଗଙ୍କୁ ଗୁଣି ଗାରେଡି କରୁଥିବା ସନ୍ଦେହ କରି ଅନ୍ୟ ଏକ ପରିବାର ଝଗଡ଼ା କରିଥିଲେ। ଏବଂ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ବଲାଙ୍ଗିର ପୁଲିସ। ଏହାର ତିନି ସପ୍ତାହ ପରେ ଗତ ୨୬ ତାରିଖ ଦିନ ବଲାଙ୍ଗିର ଜିଲ୍ଲା ସଦର ଥାନା ଅଧୀନ ଡୁମେରଝରନ ନିକଟରେ ଥିବା ସୁନାଦେଇ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଥିଲା। ମୃତ ଯୁବକ ଜଣକ ପୁଇଁତଲା ଥାନା ସିକାବେହେଙ୍ଗା ଗ୍ରାମର ଶତ୍ରୁଘ୍ନ ପଟେଲ (୨୫) ଡୁମେରଝରନରେ ତାଙ୍କର ମାମୁଁ ଘରେ ରହି କାଠ କାମ କରୁଥିଲେ। ୨୪ ତାରିଖ ଦିନ ସେ ପାଟଣାଗଡ଼ ଥାନା ଠଲକୋଛପର ଗ୍ରାମକୁ କାଠ ପଟା ଆଣିବାକୁ ଯାଇଥିବାବେଳେ ଘରକୁ ଫେରି ନଥ ôଲେ। ପରଦିନ ତାଙ୍କର ମୃତଦେହ ମିଳିଥିଲା। ଏହି ଘଟଣାରେ ଗୌତମ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାବେଳେ ପୂର୍ବ ପାରିବାରିକ ବିବାଦକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ କହିଥିଲା। ସେହିଭଳି ଗତ ୨ ତାରିଖ ଦିନ ଦେଓଗାଁ ଥାନା ବନ୍ଧପଡ଼ାଫାଣ୍ଡି ସ୍ଥିତ ଅର୍ନ୍ତର୍ଲା ଗ୍ରାମରେ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଥିଲା। ଗୌତମ ବିଶ୍ୱାଳ ମଦପିଇ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲା। ଏଭଳି ବାରମ୍ବାର କରୁଥିବାରୁ ସ୍ତ୍ରୀ ଅମୂଲ୍ୟ ବିରକ୍ତିଭାବ ପ୍ରକାଶ କରି ଖାଇବାକୁ ଦେଇ ନ ଥିଲା। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୌତମ ଏକ ଟାଙ୍ଗିଆରେ ସ୍ତ୍ରୀକୁ ହାଣି ପକାଇଥିଲା। ଏଭଳି ଭାବରେ ମାସକ ମଧ୍ୟରେ ତିନୋଟି ହତ୍ୟାକାଣ୍ଡ ଘଟଣା ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। କେବଳ ଏତିକି ନୁହେଁ ଗତ କିଛିଦିନ ତଳେ ମୁରିବାହାଲ ଅଞ୍ଚଳରେ ଚାରିଟି ମୃତଦେହ ଠାବ ହୋଇଥିଲା। ଏକ ପ୍ରେମୀଯୁଗଳ ଓ ଏକ ଦମ୍ପତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲେ ହେଁ ସେମାନେ କାହିଁକି ଆତ୍ମହତ୍ୟା କଲେ ତାହା ରହସ୍ୟ ଘେରରେ ରହିଛି। ଏଭଳି ଅପରାଧିକ ଘଟଣା ବଲାଙ୍ଗିର ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଅପରାଧୀଙ୍କୁ ଧରୁଥିଲେ ହେଁ ଅପରାଧ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ବୋଲି ଆଲୋଚନା ହେଉଛି।

# ଥଣ୍ଡା ପାନୀୟ ନା ବିଷ; ଅଧିକାଂଶ କମ୍ପାନୀର ନାହିଁ ମାନ

## ନିଘୋଡ଼ ନିଦରେ ଫୁଡ୍ ଇନ୍ସପେକ୍ଟର



**ବଲାଙ୍ଗିର, ୩।୪(ସମିସ):** ଖରାଦିନ ଆସିଲେ ଖୋଜାପଡ଼େ ଥଣ୍ଡାପାନୀୟ। ନାନା ରକମର ଥଣ୍ଡାପାନୀୟ ଲୋକେ ପିଇଥାନ୍ତି। ଏହାର ସୁଯୋଗ ନେଇ ବିଭିନ୍ନ ନାମରେ କୋଲ୍ଡ ଡ୍ରିଙ୍କସ୍ ବଜାରରେ ମିଳୁଥିବାବେଳେ ଏହା ଆମପାଇଁ ସ୍ଲୋ ପଏଜ୍‌ନର କାମ କରୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଛତୁ ଫୁଟିଲା ଭଳି କୋଲ୍ଡ ଡ୍ରିଙ୍କସ୍ ସବୁ ଦୋକାନରେ ମିଳୁଥିବାବେଳେ ଏହାର ଯାଞ୍ଚ କରିବା ପାଇଁ ଫୁଡ୍ ଇନ୍ସପେକ୍ଟର ଆସୁନାହାନ୍ତି। ଦୋକାନରେ ମିଳୁଥିବା ଥଣ୍ଡା ପାନୀୟର ମାନକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଦୋକାନର ଲୋକାଲ ମେଡ୍ ଥଣ୍ଡା ପାନୀୟ ସବୁ ମିଳୁଥିବା ବେଳେ କିଛି ଟଙ୍କାଦେଇ ଲୋକେ ଏହାକୁ କିଣି ପିଉଛନ୍ତି। ଏହାର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ ହେଉଥିବାରୁ ସମସ୍ତେ ଏହାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ଥଣ୍ଡାପାନୀୟର କୌଣସି ମାନ ନାହିଁ। ଏପରିକି ଏହାକୁ ପ୍ରସ୍ତୁତ କରୁଥିବା କିଛି ସଂସ୍ଥା ତାର ଏକ୍ସପାୟରୀ ଡେଟ୍ ମଧ୍ୟ ଉଲ୍ଲେଖ କରୁନାହାନ୍ତି। ଦୋମାନୀମାନେ ମଧ୍ୟ ଏହାକୁ ମାସମାସ ଫ୍ରିଜରରେ ରଖି ବିକ୍ରି କରୁଛନ୍ତି। ଜନସାଧାରଣ ଏହି ସବୁ ବିଷୟରୁ ଅଜ୍ଞରହି କିଣି ପିଉଛନ୍ତି। ଦୁଃଖର କଥାଯେ ସହରରେ ଖୋଲାଖୋଲି ଭାବେ ଏହି ବେପାର ଚାଲିଥିବାବେଳେ ଖାଦ୍ୟ ନିରାପତ୍ତା ଅଧିକାରୀ ବା ଫୁଡ୍ ଇନ୍ସପେକ୍ଟର ଏହାକୁ ଯାଞ୍ଚ କରୁନାହାନ୍ତି। ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ଏହି ବେପାରୀମାନେ ମନଇଚ୍ଛା ତାଙ୍କର ବେପାର ଚଳାଇଛନ୍ତି। ଖାଦ୍ୟ ନିରାପତ୍ତା ଅଧିକାରୀ ଏ ଦିଗରେ ଧ୍ୟାନ ଦେଇ ଦୋକାନରେ ଚଢ଼ଉ କରିବାକୁ ଦାବି ହେଉଛି।

# ଭୀମପାହାଡ଼ରେ କ୍ରେତା-ବିକ୍ରେତା ସମ୍ମିଳନୀ



**ଦେଓଗାଁ, ୩।୪ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅଧୀନ ପର୍ଯ୍ୟଟନସ୍ଥଳୀ ଭୀମପାହାଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ମହାଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୃହତ ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନା ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆୟୋଜନ କ୍ରମେ ମହାଶକ୍ତି ଫାଉଣ୍ଡେସନର ବ୍ଲକ ସଂଯୋଜକ ବୈକୁଣ୍ଠ କ୍ଷେତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ବାବୁଲିଚରଣ ସେଠୀ, ସମ୍ମାନିତ ଅତିଥିଭାବେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ସୂର୍ଯ୍ୟକୁମାର ଦାଶ, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତିସଭ୍ୟ ବୀଣାପାଣି ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ସହାକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, କୃଷି କର୍ମଚାରୀ ଜ୍ୟୋତ୍ସ୍ନାରାଣୀ ଛୁରା, ଆରତୀ ସାହୁ, ତପସ୍ୱିନି ନାୟକ, ସ୍ମିତାଶ୍ରୀ ହୋତା, ସୌମ୍ୟଶକ୍ତି ଦାଶ, ପ୍ରାଣବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସହ କ୍ରେତାମାନଙ୍କ ସୁ ସମ୍ପର୍କ, ବଜାର ଜ୍ଞାନ ବୃଦ୍ଧି, ଉତ୍ପାଦନର ଉଚିତ ମୂଲ୍ୟ କେମିତି ମିଳିପାରିବ ସେ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ କୃଷକସାଥୀ ନନ୍ଦି କିଶୋର ନାଏକ, ରାଧାକାନ୍ତ ପଧାନ, ବଲ୍ଲଭ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ୪ଟି ସିବିଓ ରୁ ପ୍ରତିନିଧି, ୧୦ରୁ ଉର୍ଦ୍ଧ୍ୱ କ୍ରେତା ତଥା ୨ଶହ ଜଣ କୃଷକ ଉପସ୍ଥିତ ଥିଲେ।

**■ କାଜୁ ବଗିଚା ନାମରେ ଟଙ୍କା ହଡ଼ପ ଘଟଣା**

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

**ସଇଁତଲା, ୩।୪(ସମିସ):** ସଇଁତଲା ଉଦ୍ୟାନ ବିଭାଗରେ କାଜୁ ବଗିଚା ନାମରେ ଟଙ୍କା ହଡ଼ପ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ସମ୍ପୃକ୍ତ ଅଧିକାରୀ କିମ୍ବା ଚାଷୀଙ୍କ ବିରୋଧରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସୂଚନା ଅନୁସାରେ ସଇଁତଲା ବ୍ଲକ ଭଦ୍ରା ପଞ୍ଚାୟତ ଖାସବାହାଲ ଅଞ୍ଚଳର ଜଣେ ଚାଷୀ କାଜୁଚାଷ କରିଥିବା ସୂଚନା ଅଧିକାର ଆଇନରୁ ଜଣାପଡ଼ିଥିବାବେଳେ ଉକ୍ତ ଚାଷୀ ଜଣକ ଚାଷ ନ କରି ଫାଇଲରେ କେବଳ ଚାଷ ହୋଇଥିବା ସ୍ୱୀକାର କରି ଟଙ୍କା ଉଠାଣ କରିଥିବା କହିଛନ୍ତି। ଚାଷୀଙ୍କ କହିବା ମୁତାବକ କାଜୁଚାଷ କରିବାକୁ ସେ ଉଦ୍ୟାନ ବିଭାଗରେ ଆବେଦନ କରିଥିଲେ। ଆବେଦନ କରିବାପରେ ତାଙ୍କୁ କାଜୁ ଚାଷ କରିବାକୁ ବିଭାଗୀୟ ଅନୁମତି ପ୍ରଦାନ କରାଯାଇଥିଲା। କିନ୍ତୁ ସେ କାଜୁ ଚାଷ ନ କରି ତାଙ୍କୁ କାଜୁ ଚାଷ ହୋଇଥିବା ଅନ୍ୟ ଜଣକ ଜମିରେ ଛିଡ଼ା କରାଇ ଅଧିକାରୀମାନେ ଫଟୋ ନେଇଥିବା କହିଛନ୍ତି। ଅନ୍ୟ ପକ୍ଷରେ ଚାଷୀ ଜଣକ କାଜୁ ଚାଷ କରିଥିବା ସୂଚନା ଅଧିକାରରୁ ଜଣାଯାଇଥିବାବେଳେ ଉକ୍ତ ଜମିରେ କୌଣସି କାଜୁ ଗଛ ନ ଥିବା ଦେଖିବାକୁ ମିଳିଛି। ଏ ବିଷୟରେ ଅତିରିକ୍ତ ଉଦ୍ୟାନ ବିଭାଗର ଅଧିକାରୀ ଲଲାଟ କେଶରୀ ବାଗଙ୍କୁ ପଚାରିବାରୁ ଉକ୍ତ ଚାଷୀ ଜଣକ କାଜୁ ଚାଷ ପାଇଁ ଆବେଦନ କରିଥିବାବେଳେ ତାଙ୍କୁ କେବଳ ଗାତ ଖୋଳାଯାଇଥିବା ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟ କୌଣସି ଟଙ୍କା ପ୍ରଦାନ କରାଯାଇନାହିଁ ବୋଲି କହିଥିଲେ। ପୁନଃ ଶ୍ରୀ ବାଗଙ୍କୁ କେବଳ ଗାତ ଖୋଳି କାଜୁ ଚାଷ ନାମରେ ଟଙ୍କା ଉଠାଯାଇଥିବା କଥା ପଚାରିବାରୁ କାଜୁ ଚାଷ କରିଥିବା ପ୍ରମାଣ ଦେଖାଇବା ପରେ ତାଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ। ଉଦ୍ୟାନ ବିଭାଗରେ ହେଉଥିବା ଦୁର୍ନୀତିରେ ଭିଜିଲାନ୍ସସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି।

# ମହୀପୁର ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ତୁଷୁରା, ୩।୪ (ସମିସ):** ଗୁଡ଼ଭେଲା ବ୍ଲକ ସରକାରୀ ଆଶ୍ରମ ବିଦ୍ୟାଳୟ ମହିପୁରଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ତୁଷୁରା ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଭକ୍ତଚରଣ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ତୁଷୁରା ବାଳକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ ଦାଶ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସିଆର୍‌ସିସି ଜଗମୋହନ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ଭୋଇ, ବରିଷ୍ଠ ଶିକ୍ଷୟିତ୍ରୀ ନିଳୀମା ସାହୁ ଯୋଗଦେଇ ଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଉତ୍ତରୀୟ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପୁରନ୍ ମେହେର ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅନସୂୟା ପାତ୍ର ଧନ୍ୟବାଦ୍ ଜ୍ଞାପନ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ସ୍ୱରୂପା ପାଢ଼ୀ ସହଯୋଗ କରିଥିଲେ।

**Doctorate Award**



The Board of Regents at **Georgia Digital University, USA,** has officially approved the nomination of **SMITANJALI NAYAK** for the Honorary Doctorate Award in **"Motivational & Spiritual Speaker after a thorough review".** This honorary doctorate is a recognition of her leadership, creativity, and significant contributions in the field. It underscores her dedication to enhancing lives and inspiring both peers and aspiring professionals. This recognition from Georgia Digital University highlights her impact in the industry and her commitment to excellence.

**ଖଇରା ଗ୍ରାମରେ ଅଗ୍ନିକାଣ୍ଡ ଘଟଣା**

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବିଧାୟକ



**ବଙ୍ଗୋମୁଣ୍ଡା, ୩।୪(ସମିସ):** ବଙ୍ଗୋମୁଣ୍ଡା ଥାନା ଖଇରା ଗ୍ରାମରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଦୋକାନ ଘର ଜଳିଯିବା ସହ ଜଣେ ଆହତ ହୋଇଛନ୍ତି। ଏହି ଅଗ୍ନି ବିପନ୍ନ ପରିବାରକୁ ବିଧାୟକ ଲକ୍ଷ୍ମଣ ବାଗ ସାକ୍ଷାତ କରିଛନ୍ତି ଏବଂ ସରକାରୀ ସହାୟତା କିପରି ମିଳିପାରିବ ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି। ବଙ୍ଗୋମୁଣ୍ଡା ଥାନା ଖଇରା ଗ୍ରାମର ଏକ ଦୋକାନ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ ସିଲିଣ୍ଡରରେ ଅଗ୍ନିକାଣ୍ଡ ଲାଗି ଫାଟି ଯିବାରୁ ଦୋକାନ ଗୃହ ଜଳିଯିବା ସହ ଦୋକାନର ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖଇରା ଗ୍ରାମର ଦୀପକ ରଣା ଏକ ଦୋକାନ କରିଥିବା ବେଳେ ସେଠାରେ ଥଣ୍ଡା ପାନୀୟ ଜଳ ସହ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିଲେ। ଦୀପକ ରଣାଙ୍କ ସ୍ତ୍ରୀ ଭୁମିସୁତା ରଣା ଦୋକାନ ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇଯାଇଥିଲା। ଦୋକାନର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଭୂମିସୁତା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ବଙ୍ଗୋମୁଣ୍ଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଲଭର୍ସ ପଏଣ୍ଟ ହେଲାନ ରାଜେନ୍ଦ୍ର ପାର୍କ



**ବଲାଙ୍ଗିର, ୩।୪(ସମିସ):** ପଟ୍‌ନିଆ ରଜା ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କର୍ ନାଁରେ ଖୁଲିଥିବାର୍ ରାଜେନ୍ଦ୍ର ପାର୍କ ସହରର୍ ଲୁକର୍ ସମିଆ ବିତାବାର୍ ଲାଗି ବନେ ଥାନ୍ ଟେ ଆଏ। ସମିଆ ଟିକେ ମିଲଲେ ଘର୍ ପରିବାର୍ କେ ଧରିକରି ଲୁକେ ଇନିକେ ଆଉଛନ୍। ବୁଲାବୁଲି କରି ଯାଉଛନ୍। ହେଲେ ପାର୍କ୍ ଭିତରେ ଯୁଡି ଯୁଡି ହେଇ ବସୁଥିବାର୍ ପିଲା ଟୁକେଲ୍ କର୍ ହରକତ୍ ଦେଖିକରି ନା ସହି ପାରୁଛନ୍ ନା କାହାକେ କହି ପାରୁଛନ୍। ରାଜେନ୍ଦ୍ର ପାର୍କ୍ ଇହାଦେ ଲଭର୍ସ୍ ପଏଣ୍ଟ ହେଲାନ ବଲି ଲୁକେ କହି ବସଲେ ନା। ପାକ୍‌ର୍ ଭିତରେ ଯେନ୍ କେତେଟା ଭିତରିଆ ଜାଗା ଅଛେ ସେ ଜାଗା ମାନକୁ ବୁଟା ଘେରି ରହିଛେ। ବତୀ ଟେ ବି ସେଠାନେ ନାଇଁ ଲାଗବାର୍। ବେଲବୁଡେ ୫ ବଜାନୁ ରାତିର୍ ୮ ବଜା ତକ୍ ଏନ୍ତା ଠାନ୍ ମାନକୁ ବସିକରି ପିଲା ଟୁକେଲକର୍ ଅଦେଖା କାରବାର୍ ପାର୍କ କେ ଆସୁଥିବା ଲୁକ୍ କୁ ବିରକ୍ତ କରିପକାଲା ନା। ମ୍ୟୁନିସିପାଲଟି ଇ ଜିନିଷ ଉପରେ ଧ୍ୟାନ ଦେଇକରି ହେନ୍ତା ନୁକନିଆ ଜାଗା ମାନେ ସଫା କରୁ। ସେ ଜାଗା ମାନକେ ଲାଇଟ୍ ଲଗଉ। ନହେତ ମା ବୁଆ ପାର୍କ କେ ବୁଲି ଆସିଥିବେ ଆର୍ ଝି କେ ଆର୍ ଝନେ ପିଲା ସାଙ୍ଗେ ଦେଖବେ ଭଲିଆ ଘଟନା କେତେଟେ ଘଟବା ଯେ ହିସାବ୍ ନେଇଁ।

**ଚର୍ଚ୍ଚାରେ ଲୋଇସିଂହା ରେଞ୍ଜର**

# ସରକାରୀ ଗାଡ଼ି ପରେ ଅର୍ଥ ହଡ଼ପ ଅଭିଯୋଗ

**ବଲାଙ୍ଗିର, ୩।୪(ସମିସ)**





ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜରଙ୍କ ନାମରେ ବଡ଼ ଦୁର୍ନୀତି ଅଭିଯୋଗ। ଏହି ରେଞ୍ଜ ଅଧୀନରେ ଥିବା ଗାଇଖାଇ ଇକୋ ଟୁରିଜମ ପ୍ରକଳ୍ପରେ ହୋଇଥିବା ବୋଟିଂ ବାବଦକୁ ଆୟ ହୋଇଥିବା ରାଜସ୍ୱ ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ୨୦୨୩ - ୨୪ ଆର୍ଥିକ ବର୍ଷରେ ବଟିଂ ବାବଦକୁ ବନବିଭାଗ ଆୟ କରିଥିବା ପ୍ରାୟ ୧୦ ଲକ୍ଷ ଟଙ୍କା କୁଆଡ଼େ ଗଲା, କେଉଁ ବ୍ୟାଙ୍କ୍ ଖାତାରେ ଜମା ହେଲା ତାହାର କିଛି ସ୍ପଷ୍ଟ

**ଗାଇଖାଇ ବୋଟିଂ ପ୍ରକଳ୍ପରୁ ସଂଗ୍ରହ ରାଜସ୍ୱ ଗଲା କୁଆଡେ ?**

ସୂଚନା ନାହିଁ। ଗାଇଖାଇ ପ୍ରକଳ୍ପ ଲୋଇସିଂହା ରେଞ୍ଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାବେଳେ ଏଥିରୁ ଆୟ ହୋଇଥିବା ଟଙ୍କାକୁ ଏହିଭଳି ଭାବେ ହଡ଼ପ ହେବା ବିଷୟ ସାମ୍ନାକୁ ଆସିବା ପରେ ରେଞ୍ଜର ପାଉଲ୍ ହରପାଲଙ୍କ କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଛି। ଲୋଇସିଂହା ରେଞ୍ଜର ପାଉଲ ହରପାଲ ବେଆଇନ ଭାବେ ସରକାରୀ ଗାଡ଼ିକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଉକ୍ତ ଗାଡ଼ିରେ ଦେବ ବାରିକଙ୍କୁ ବେଆଇନ ଭାବେ ନିୟୋଜିତ କରିଥିବା ଅଭିଯୋଗ ହୋଇଥିଲା। ଦେବ ବାରିକଙ୍କୁ ବନବିଭାଗ ହାତୀ ସୁରକ୍ଷା ସ୍କ୍ୱାର୍ଡରେ ନିୟୋଜିତ କରାଯାଇଥିବା ବେଳେ ସେ ନିଜ କାମ ଛାଡ଼ି ରେଞ୍ଜରଙ୍କ ଡ୍ରାଇଭର ହେବାକୁ ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ଆଉ ଏକ ଦୁର୍ନୀତି ରେଞ୍ଜରଙ୍କ ବିରୋଧରେ ଅଭିଯୋଗ ହୋଇଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ରେଞ୍ଜ ଅଧୀନରେ ଥିବା ଗାଇଖାଇ ବୋଟିଂ ପ୍ରକଳ୍ପର ଆୟ ରାଜସ୍ୱ ହଡ଼ପ ହୋଇଥିବାନେଇ ଗୁରୁତର ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ୨୦୨୩ ଫେବୃୟାରୀ ମାସ ୧୬ ତାରିଖରେ ଗାଇଖାଇ ବୋଟିଂ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏହାର କିଛି ମାସ ପରେ ୨୦୨୩ ନଭେମ୍ବର ମାସ ୫ ତାରିଖରେ ଏହି ପ୍ରକଳ୍ପ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଉଦ୍‌ଘାଟନ କରିଥିଲେ। ଏହାପରେ ପ୍ରାୟ ଦୁଇମାସ ଭିତରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହି ସମୟରେ ମିଳିଥିବା ସୂଚନା ଅନୁସାରେ ୨୦୨୩ ନଭେମ୍ବର ମାସରେ ୪ ଲକ୍ଷ ୮ ହଜାର ୬୨୦ ଟଙ୍କା ଆୟ ହୋଇଥିବା ବେଳେ ସେହି ବର୍ଷ ଡିସେମ୍ବର ମାସରେ ୬ ଲକ୍ଷ ୫୯ ହଜାର ୯୧୦ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ଏହାପରେ ମଧ୍ୟ ବୋଟିଂ ବାବଦକୁ ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ ଉକ୍ତ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୌଣସି ହିସାବ କିତାବ କାର୍ଯ୍ୟାଳୟରେ ନ ଥିବା ଜଣାପଡ଼ିଛି। ତେବେ ଆଇନ ଅନୁସାରେ ଉକ୍ତ ରାଜସ୍ୱ ଟଙ୍କାକୁ ବ୍ୟାଙ୍କ୍ ଖାତାରେ ଜମା କରାଯିବା କଥା। କିନ୍ତୁ ତାହା ନ କରି ଉକ୍ତ ଟଙ୍କାକୁ ରେଞ୍ଜର ନିଜ ହାତରେ ରଖି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କିଛି ମାସ ତଳେ ଲୋଇସିଂହା ରେଞ୍ଜର ଓ ସାଲେଭଟା ଫରେଷ୍ଟରଙ୍କ ମଧ୍ୟରେ ଆର୍ଥିକ କାରବାରକୁ ନେଇ ଗଣ୍ଡଗୋଳ ହେବା ପରେ ଚଳିତ ବର୍ଷ ସଂଗ୍ରହ ହୋଇଥିବା ରାଜସ୍ୱକୁ ଜମା କରାଯାଇଥିବା ଜଣାପଡ଼ିଛି। କିନ୍ତୁ ପୂର୍ବ ବର୍ଷରେ ସଂଗ୍ରହ ହୋଇଥିବା ରାଜସ୍ୱ କିଭଳି ଓ କାହା ଅନୁମତିରେ ରେଞ୍ଜର ଶ୍ରୀ ହରପାଲ ନିଜ ହାତରେ ରଖିଲେ। ଉକ୍ତ ଟଙ୍କା କୁଆଡେ ଗଲା ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଏହାର ସତ୍ୟାତା ଅନୁସନ୍ଧାନ କରି ତଦନ୍ତ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ରେଞ୍ଜରଙ୍କ ନାମରେ ଅନେକ ଅଭିଯୋଗ ହୋଇଥିବା ବେଳେ ତାଙ୍କ ଅବସର ବାହାନା ଦେଖାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ ବନବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏ ବିଷୟରେ ଏସିଏଫ୍ ଜିତେନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ମଲା ଗଛରେ ପାଣି ଦେଉଛି ବନ ବିଭାଗ





- ତାତିଲେ ବନ ସୁରକ୍ଷା ସମିତି କର୍ମକର୍ତ୍ତା, ଗ୍ରାମବାସୀ
- ଜଙ୍ଗଲ ନିଆଁକୁ ବାହାନା କରି ଖସିଯିବାକୁ ଉଦ୍ୟମ
- ଅଭିଯୋଗ କଲେ ଧମକ ଦେଉଛନ୍ତି ବନାଞ୍ଚଳ ଅଧିକାରୀ

ଲାଞ୍ଜିଗଡ଼, ୩।୪(ସମିସ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ବିଶ୍ୱନାଥପୁର ବନାଞ୍ଚଳରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ମଲା ଗଛରେ ପାଣି ଦେଇ ବନ ବିଭାଗ ସରକାରୀ ଟଙ୍କା ଚଳୁ କରୁଛି। ସିକେରକୁପା ସେକ୍ସନ, ପାଣିମୁଣ୍ଡା ବିଟ୍ ରାମଚନ୍ଦ୍ରପୁର ଗ୍ରାମ୍ୟ ଜଙ୍ଗଲରେ ଏହି ଦୁର୍ନୀତିର ପ୍ରମାଣ ମିଳିଛି। ୨୫ ହେକ୍ଟର ଜଙ୍ଗଲରେ କାମ୍ପା ଯୋଜନାରେ ଚାରାରୋପଣ ହୋଇଛି ବୋଲି ସୂଚନା ଫଳକ କହୁଛି। ୨ ହଜାର ୫୦୦ ଚାରା ଲାଗିଛି ବୋଲି ତଥ୍ୟ ରହିଛି। ଗଛଗୁଡ଼ିକୁ ବଞ୍ଚାଇବାକୁ ଟ୍ୟାଙ୍କର ଲଗାଇ ପାଣି ଦିଆଯାଉଛି। କିନ୍ତୁ ପାଖରୁ ଦେଖିଲେ ସବୁ ଓଲଟା। ବୋର୍ଡରେ ଯାହା ଲେଖାଯାଇଛି ତାହା ସମ୍ପୂର୍ଣ୍ଣ ମିଛ ବୋଲି ଧରା ପଡ଼ିଛି। ୧୨ ହଜାର ୫୦୦ ଗଛ ଲାଗିଥିବା ଜାଗାରେ ୧୦ଟି ଗଛ ବି ଦେଖିବାକୁ ମିଳୁନି। ତେବେ ମଲା ଗଛରେ ଟ୍ୟାଙ୍କର ଲଗାଇ ପାଣି ଦିଆଯାଉଥିବାବେଳେ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ଅନ୍ୟପକ୍ଷେ ନିକଟରେ ବନ ବିଭାଗର ଅବହେଳା ଯୋଗୁଁ ଜଙ୍ଗଲରେ ନିଆଁ ଲାଗିଥିଲା। ଏବେ ସେହି ନିଆଁକୁ ବନ ବିଭାଗ ବାହାନା କରୁଛି। ସରକାରୀ ଅନୁଦାନ ଲୁଟ୍ କରିବାକୁ ଏହି ବାହାନାରେ ମଲାଗଛରେ ପାଣି ଦିଆଯାଉଥିବା ଦେଖି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ବିରୋଧ କରିଥିଲେ। ତେବେ ଲୋକଙ୍କ ବିରୋଧ ପରେ ନିଜ କାରସାଦି ଧରା ପଡ଼ିଯିବା ଭୟରେ ଅଭିଯୋଗକାରୀଙ୍କୁ ବନାଞ୍ଚଳ ଅଧିକାରୀ ଧମକ ଦେଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଲୋକଙ୍କୁ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପୁଲିସ ଭୟ ଦେଖାଇଛନ୍ତି। ଅନ୍ୟପକ୍ଷେ ଯେଉଁ ଜଙ୍ଗଲକୁ ନେଇ ଲୋକେ ବନ ବିଭାଗ ନାଁରେ ଅଭିଯୋଗ କରୁଛନ୍ତି ସେହି ଜଙ୍ଗଲରେ କେବଳ କାମ୍ପା ଯୋଜନାର ବୋର୍ଡ ଲାଗିଛି; କିନ୍ତୁ ମନରେଗା ସମେତ ଅନ୍ୟ ଯୋଜନାରେ ମଧ୍ୟ ଚାରା ରୋପଣ, ପରିଚାଳନା କରାଯାଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହେଉଛି। ସେହିପରି ଜଙ୍ଗଲ ନିଆଁ ରୋକିବାକୁ ଆଉ ସଚେତନ କରିବାକୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଛି। ସେସବୁକୁ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଚଳୁ କରିଦେଇଛନ୍ତି। ଏବେ ଲୋକଙ୍କ ଆଗରେ ଚୋରି ଧରା ପଡ଼ିଯିବା ପରେ ସେମାନେ ଧମକ ଦେବା ଆରମ୍ଭ କରିଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ବଢୁଛି। ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ଫରେଷ୍ଟ ଗାର୍ଡ ଲକ୍ଷ୍ମୀ ପାଢ଼ୀଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି। ଉପରିସ୍ଥ ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ଫରେଷ୍ଟର ଭାଗିରଥୀ ନାଏକଙ୍କୁ ପଚାରିବାରୁ ଲୋକେ ଯାହା କରୁଛନ୍ତି କରନ୍ତୁ। କିଛି ଫରକ ପଡ଼ିବନି ବୋଲି ରୋକଠୋକ ଶୁଣାଇଥିଲେ।

## ଅଭିଯୋଗ ପରେ କେନାଲରେ ଆସିଲା ପାଣି

ଜୟପାଟଣା, ୩।୪(ସମିସ): କଳାହାଣ୍ଡି ଜିଲ୍ଲାକୁ ଇନ୍ଦ୍ରାବତୀ ଜଳ ସେଚନ ଦ୍ୱାରା ଚାଷୀ ଯେତେ ଉପକୃତ ହେଉ ନାହାନ୍ତି ତାଠାରୁ ଅଧିକ ବିଭାଗୀୟ ଅଧିକାରୀ ଓ ବିନା ଟେଣ୍ଡରରେ ଠିକାକାମ ପାଉଥିବା ବ୍ୟକ୍ତି ବିଶେଷ ଲାଭ ପାଉଛନ୍ତି। କେନାଲ ପାଣିକୁ ଭରସା କରି ଚାଷୀ ରୁଆ କାର୍ଯ୍ୟ ଶେଷ କରିଛନ୍ତି। କିଛିଦିନ ହେବ କିନ୍ତୁ ଜମିକୁ ଆଉ କେନାଲ ପାଣି ମାଡୁ ନ ଥିଲା। ଏହା ଫଳରେ ଜମି ଶୁଖି ଫସଲ ନଷ୍ଟ ହେବା ଜଳ ଜଳ ଦିଶିଥିଲା। ଜୟପାଟଣା ବ୍ଲକ ଜୟପାଟଣା ପଞ୍ଚାୟତ ଖାଇରମାଳ ଗ୍ରାମର ସୁଧାଂଶୁ ପଣ୍ଡା, ସିଦ୍ଧାର୍ଥ ପଣ୍ଡାଙ୍କ ୪ ଏକର, ଲୋକନାଥ ପୁଝାରିଙ୍କ ୨ ଏକର, ଦେବ ସାହୁଙ୍କ ୧ ଏକର, ରମେଶ ରାଉତଙ୍କ ୨ଏକର, ତ୍ରିଲୋଚନ ରାଉତଙ୍କ ୨ ଏକର ଚାଷଜମିକୁ କେନାଲ ପାଣି ମାଡି ନ ଥିଲା। ଏଣୁ ସେମାନେ ଚିନ୍ତିତ ହୋଇ ପଡ଼ିଥିଲେ। କ'ଣ କରିବେ ବୁଦ୍ଧି ଦିଶି ନ ଥିଲା। ଶେଷରେ ଏ ନେଇ ଏହି ଚାଷୀଗଣ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ଚାଷୀଙ୍କ ଅସନ୍ତୋଷ ଦେଖି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବାଧ ହୋଇଥିଲେ। ଶେଶଷର ସମସ୍ୟାର ସମାଧାନ ହୋଇଛି କେନାଲରେ ମଧ ପାଣି ଆସିଛି। ଏହାପରେ ଚାଷୀ ଆଶ୍ୱସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ଚାଷ ଜମିକୁ ଇନ୍ଦ୍ରାବତୀ ବାମ କେନାଲ ଚିର୍କା ସବ୍‌ମାଇନରରୁ କେନାଲ ପାଣି ମିଳିଥାଏ। ପାଣି ଅଭାବରୁ ଧାନଚାଷ ନଷ୍ଟ ହେବା ଆଶଙ୍କା ରହିଥିଲା। ପାଣି ପାଇଁ ଅଭିଯୋଗ କଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବତା ଚାଷୀଙ୍କୁ ବ୍ୟଥିତ କରିଥିଲା।

## ଦଳ, ପଙ୍କରେ ପୂର୍ଣ୍ଣ ମନଭଙ୍ଗ ସାଗର

- ପୁନରୁଦ୍ଧାର କରିବାରେ ଆନ୍ତରିକତା ଦେଖାଉନି ପଞ୍ଚାୟତ



ଲଡୁଗାଁ, ୩।୪ (ସମିସ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ଥିବା ମନଭଙ୍ଗ ସାଗର ୧୦ ବର୍ଷରୁ ଅଧିକ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ମନଭଙ୍ଗ ସାଗରସାରା ପଙ୍କ ଦଳରେ ପରିପୂର୍ଣ୍ଣ ହୋଇ ରହିଛି। ଏହାର ପାଣି ସମ୍ପୂର୍ଣ୍ଣ ଭାବେ ଦୂଷିତ ହୋଇ ଦୁର୍ଗନ୍ଧ ସୃଷ୍ଟି କରୁଛି। ଲୋକେ ପାଣି ଅଭାବରୁ ବାଧ ହୋଇ ଏଥିରେ ଶୌଚ ସ୍ନାନ କରି ମାରାତ୍ମକ ଚର୍ମ ରୋଗର ଶିକାର ହେଉଛନ୍ତି। ୨୨ ଏକର ପରିମିତ ଏହି ସାଗରଟି ଏଥି ପୂର୍ବରୁ କାଚ କେନ୍ଦୁ ପାଣି ଭଳି ଚହଲି ଉଠୁଥିଲା ଏବଂ ଲୋକଙ୍କୁ ବେଶ ଆକୃଷ୍ଟ କରୁଥିଲା; ହେଲେ ଆଜି ତାହା ରକ୍ଷଣା ବେକ୍ଷଣ ଅଭାବରୁ ଅତ୍ୟନ୍ତ କଳୁଷିତ ଏବଂ ପରିତ୍ୟକ୍ତ ଅବସ୍ଥାରେ ରହିଛି। ପଞ୍ଚାୟତ ପ୍ରଶାସନକୁ ଏ ଦିଗରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ପାରିନାହିଁ। ଏହା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଏ ବିଷୟରେ ପଚାରିଲେ ଆଜି କାଲି ସମସ୍ୟାର ସମାଧାନ ହେବ କାଲି କହି ଭୁଆଁ ବୁଲାଯାଉଛି। ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଗାଁରେ ଥିବା ସମସ୍ତ ଜଳ ଉତ୍ସ ଶୁଖି ଯାଇଛି। ଲୋକ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ପଞ୍ଚାୟତ ପ୍ରଶାସନ କିନ୍ତୁ ପୁନରୁଦ୍ଧାର କରିବାରେ ଆନ୍ତରିକତା ଦେଖାଉନି। ଏଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

- ମାରାଗୁଡ଼ା ଲୋକମହୋତ୍ସବର ତୃତୀୟ ଦିବସରେ ବୌଦ୍ଧିକ ଚର୍ଚ୍ଚା

## 'ମାରାଗୁଡ଼ା ଏକ ବିକଶିତ ଓ ସୁସଂଠିତ ସଭ୍ୟତା ଥିଲା'



ନୂଆପଡ଼ା, ୩।୪(ସମିସ): ମାରାଗୁଡ଼ା ଲୋକମହୋତ୍ସବ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ ନୂଆପଡ଼ା ପକ୍ଷରୁ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ତୃତୀୟ ଦିବସରେ 'ମାରାଗୁଡା ଅଞ୍ଚଳର ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ' ବିଷୟରେ ବୌଦ୍ଧିକ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଐତିହାସିକ ଗବେଷକ ତଥା ସୁସାହିତ୍ୟିକ ଡ. ଫଣିନ୍ଦମ ସିଂଦେଓ ଅଧକ୍ଷତା କରିଥିବା ବେଳେ ବିଶିଷ୍ଟ ଅତିଥି ଭାବରେ କବି, ଗାଳ୍ପିକ ସ୍ତମ୍ଭକାର ତଥା ସୁଲେଖକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଷୀ, ନାଟ୍ୟକାର, ନିର୍ଦ୍ଦେଶକ, ଗବେଷକ ଜିତେନ୍ଦ୍ର ପଟ୍ଟନାୟକ ଓ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଅଂଶଗ୍ରହଣ କରି ମାରାଗୁଡ଼ା ସଭ୍ୟତା ଉନ୍ନତ ବିକଶିତ ସୁସଙ୍ଗଠିତ ସୁସଂଗଠିତ ସଭ୍ୟତା ଥିଲା ବୋଲି ମତବ୍ୟକ୍ତ କରିଥିଲେ। ନୂଆପଡ଼ାର ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଓ ବିକାଶର ଆବଶ୍ୟକତା ରହିଛି ବୋଲି ସର୍ବସମ୍ମତି ମତପ୍ରକାଶ ପାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସୁରଜିତ ସିଂ ମହରଥା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ନେସନାଲ ମହାବିଦ୍ୟାଳୟ ନୂଆପଡ଼ାର ଅଧକ୍ଷ ହିତେଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

- ମାରାଗୁଡ଼ା ଲୋକ ମହୋତ୍ସବ

## ପଲ୍ଲୀଶ୍ରୀ ମେଳାରେ ଜମୁଛି ବେପାର

ନୂଆପଡ଼ା, ୩।୪(ସମିସ): ଦୀର୍ଘ ବାର ବର୍ଷ ବ୍ୟବଧାନରେ ନୂଆପଡ଼ା ଜିଲ୍ଲାରେ ଅନୁଷ୍ଠିତ ହେଉଛି ମାରାଗୁଡ଼ା ଲୋକ ମହୋତ୍ସବ। ଏଥିପାଇଁ ଜିଲ୍ଲାବାସୀଙ୍କ ମନରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ସ୍ଥାନୀୟ ମିନି ଷ୍ଟାଡିୟମ୍ ପଡ଼ିଆରେ ସନ୍ଧ୍ୟାରୁ ଦର୍ଶକଙ୍କ ଗହଳ ଚହଳ



ଲାଗି ରହୁଛି। ଲୋକମହୋତ୍ସବରେ ଆନନ୍ଦକୁ ଆହୁରି ବହୁଗୁଣିତ କରିଛି ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା। ପ୍ରଥମ ସନ୍ଧ୍ୟାରେ ଏହାକୁ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ଗହଣରେ ଉଦ୍‌ଘାଟନ କରିଥିଲେ। ଏହାସହିତ ନୂଆପଡ଼ାରେ ପ୍ରଥମ ଥର ପାଇଁ ଲାଗିଛି ପୁସ୍ତକ ମେଳା। ପଲ୍ଲୀଶ୍ରୀ ମେଳାରେ ମୋଟ ୧୬୦ଟି ଷ୍ଟଲ ଲାଗିଛି। ଜିଲ୍ଲାବାସୀ ଏହି ସୁଯୋଗକୁ ହାତଛଡ଼ା ନକରି ମନଖୁସିରେ ପଲ୍ଲୀଶ୍ରୀ ମେଳାରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ ସମ୍ବଲପୁରୀ ବସ୍ତ୍ର, ଶାଢୀ, ଲୁଗାପଟା ଓ ଖାଦ୍ୟ ପଦାର୍ଥ କିଣାବିକା କରୁଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଅନେକ ଉତ୍ପାଦ ନେଇ ଆସିଛନ୍ତି। ସୂଚନାନୁଯାୟୀ, ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନର ପ୍ରଥମ ସନ୍ଧ୍ୟାରେ ୯ ଲକ୍ଷ ୩୨ ହଜାର ୭ ଶହ ଟଙ୍କାର କିଣାବିକା ହୋଇଥିବା ବେଳେ ଦ୍ୱିତୀୟ ରାତ୍ରିରେ ୧୫ ଲକ୍ଷ ୭୮ ହଜାର ୨ଶହ ୭୯ ଟଙ୍କାର ବେପାର ହୋଇଛି। ପ୍ରଥମ ଦୁଇଦିନରେ ମୋଟ ୨୫ ଲକ୍ଷ ୧୦ ହଜାର ୯ଶହ ୭୯ ଟଙ୍କାର କାରବାର ହୋଇଛି। ସେହିପରି ପୁସ୍ତକ ମେଳାରେ ବିଭିନ୍ନ ପ୍ରକାଶନୀର ୧୫ଟି ଷ୍ଟଲ ଲାଗିଛି। ଏଠାରେ ପ୍ରଥମ ଦିନ ୧୫ ହଜାର ୫ଶହ ଏବଂ ଦ୍ୱିତୀୟ ଦିନ ୩୬ ହଜାର ୬ଶହ ୫୦ ଟଙ୍କାର ବହି ବିକ୍ରିବଟା ହୋଇଛି। ଆଖି ଦୃଶିଆ ବିକ୍ରୀ ହୋଇଥିବାରୁ ଦୋକାନୀମାନେ ଖୁସି ଅଛନ୍ତି। ପ୍ରଦର୍ଶନୀ ଦାୟିତ୍ୱରେ ଜିଲ୍ଲାର ବରିଷ୍ଠ ପ୍ରଶାସକ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଏବଂ ଏପିଡି ଯୋଗେଶ୍ୱର ଭୋଇ ଥିବାବେଳେ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓର୍ମାସ ପରିଚାଳକ ଓ ସହକର୍ମୀଙ୍କ ସହଯୋଗରେ ବ୍ୟବସ୍ଥିତ ଢଙ୍ଗରେ ପଲ୍ଲୀଶ୍ରୀ ମେଳା ଆୟୋଜିତ ହୋଇପାରିଛି। ବହୁଳ ମାତ୍ରାରେ ଜନସାଧାରଣ ମାରାଗୁଡ଼ା ଲୋକ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ପଲ୍ଲୀଶ୍ରୀ ମେଳାରୁ ଜିନିଷ କିଣାବିକା କରି ସ୍ୱୟଂ ସହାୟକ ଦଳ ତଥା ଦୋକାନୀଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଏଏସ୍‌ଆଇ ପ୍ରଭାକର ନାୟକ ସମ୍ମାନିତ



ସିନାପାଲି, ୩।୪(ସମିସ): ନୂଆପଡ଼ା ଜିଲ୍ଲାରେ ଆୟୋଜିତ ୯୦ତମ ପୁଲିସ ପ୍ରତିଷ୍ଠା ଦିବସରେ ସିନାପାଲି ଥାନାର ଏଏସ୍‌ଆଇ ପ୍ରଭାକର ନାୟକଙ୍କୁ ସେବା ପାଇଁ ଏସ୍‌ପି ଜିଆର୍ ରେଡ୍ଡି ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଖବର ପରେ ଜିଲ୍ଲା ତଥା ସିନାପାଲି ଅଞ୍ଚଳର ପ୍ରଶଂସକ ତଥା ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି।

## ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି ବୈଠକ



ଭବାନୀପାଟଣା, ୩।୪(ସମିସ): ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ଅପ୍ରେଲ ୨୯ରେ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ। ଏଥିନିମନ୍ତେ କଳାହାଣ୍ଡି ଲେଖକ କଳା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ରାହ୍ମଣ ସମାଜର ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀ ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ନଗର ସମ୍ପାଦକ ଶେଷଦେବ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୨୯ ତାରିଖ ସକାଳ ୭ଟାରେ ବାଲାଜୀ ମନ୍ଦିରର ଯଜ୍ଞ ମଣ୍ଡପରେ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ ଆରମ୍ଭ ହେବ। ଅପରାହ୍ନ ୧ ଟାରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ସକାଳ ୮ଟାରେ ଏକ ବିଶାଳ ମୋଟର ସାଇକେଲ ଶୋଭଯାତ୍ରା ସହର ପରିକ୍ରମା କରିବ। ଦିବା ୧୦ଟାରେ ବାଲାଜୀ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହେବ। ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଧନ୍ୟବାଦ ଦେଇଥିଲେ।

## ବହାଦୂରପଦର କଲୋନୀପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେସିଙ୍ଗା, ୩।୪(ସମିସ): କେସିଙ୍ଗା ବ୍ଲକ ବହାଦୂରପଦର କଲୋନୀପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଥର୍ଲା ସରପଞ୍ଚ ଗୀତାଞ୍ଜଳି ଖର୍ସେଲ, ସମ୍ମାନିତ ଅତିଥି ଭାବେ ପୂର୍ବ ଜିଲ୍ଲା ପରିଷଦ ପଦ୍ମିନୀ ଭୋଇ, ସ୍କୁଲ କମିଟି ସଭାପତି ଅକ୍ଷୟ ଭାଟି, ସିଆରସିସି ଧୀରେନ୍ଦ୍ର ପ୍ରଧାନ, ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ବିରଞ୍ଚି ଖର୍ସେଲ, ୱାର୍ଡମେମ୍ବର ଧନମଣି ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଗୌରଚନ୍ଦ୍ର ସୁନା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ



ସିନାପାଲି, ୩।୪(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଚଟିଆଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ସ୍ଥାନୀୟ ପ୍ରଧାନଶିକ୍ଷକ ପୁସ୍ତମ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ ସାମଲ, ମୁଖ୍ୟବକ୍ତା ନିଳଜୀ କ୍ଲଷ୍ଟର ସିଆରସିସି ରାକେଶ ମିଶ୍ର ଏବଂ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଚିକନୁ ମାଝୀ, ଚନ୍ଦ୍ରଭାନୁ ସା, ଚେୟାରମ୍ୟାନ ଲୋକନାଥ ମାଝୀ ଓ ଶିକ୍ଷକ ତାରାଚନ ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଉପରେ ଅତିଥିମାନେ ନିଜର ମତାମତ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସରକାର କରିଥିବା ବିଭିନ୍ନ ଯୋଜନା, ସହଯୋଗ, ସହାୟତା ବିଷୟରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସହଶିକ୍ଷକ ଡୋଲେଶ୍ୱର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅମିତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କନରପାସରେ ୨ ସୌର ଚାଳିତ ପମ୍ପ ଅଚଳ



ଥୁଆମୂଳ ରାମପୁର, ୩।୪(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ କନରପାସ୍ ଗାଁରେ ଦୀର୍ଘ ଦିନରୁ ପାନୀୟଜଳ ସମସ୍ୟା ଲାଗିରହିଛି। ପ୍ରାୟ ୪୫ ଘର ଆଦିବାସୀ ପରିବାର ଏହି ଗାଁରେ ବସବାସ କରୁଛନ୍ତି। ତେବେ ଗାଁରେ ପାନୀୟଜଳ ଯୋଗାଣ ପାଇଁ ୨୦୨୧/୨୨ ଆର୍ଥିକ ବର୍ଷରେ ୨ଟି ସୌର ଚାଳିତ ପମ୍ପ ଓ ଟାଙ୍କିର ବ୍ୟବସ୍ଥା ହୋଇଥିଲା। ଗୋଟିଏ ପ୍ରକଳ୍ପ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ସ୍ଥାପନ କରାଯାଇଥିଲା। ଅନ୍ୟଟି ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାପନ କରାଯାଇଥିବା ସୂଚନା ମିଳିଛି; ହେଲେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ସ୍ଥାପନ ହୋଇଥିବା ଏହି ପ୍ରକଳ୍ପଟି ଆରମ୍ଭର ମାତ୍ର ଦୁଇ ତିନି ମାସ ହିଁ ପାଣି ଯୋଗାଇବାରେ ସମର୍ଥ ହୋଇପାରିଥିଲା। ପରବର୍ତ୍ତୀ ସମୟଠାରୁ ଆଜି ଯାଏଁ ଅଚଳ ଅବସ୍ଥାରେ ପଡ଼ି ରହିଥିବା କନରପାସ୍ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହାଫଳରେ ଲୋକେ ବର୍ତ୍ତମାନ ପାହାଡିଆ ଝରଣାର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଗ୍ରୀଷ୍ମ ଋତୁର ପ୍ରକୋପ ଅସହ୍ୟ ହେଉଥିବା ବେଳେ ପାନୀୟଜଳ ସମସ୍ୟା ସାଂଘାତିକ ରୂପ ନେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗାଁକୁ ସବୁଦିନିଆ ରାସ୍ତା ଖଣ୍ଡେ ବି ନାହିଁ। ବଫଲା ମାଳି ତଳର ଏହି ଗାଁ ଖଣି ଖନନ ଦ୍ୱାରା ସମ୍ପୂର୍ଣ୍ଣ ପ୍ରଭାବିତ। କମ୍ପାନୀ ଖଣି ଖନନ ପୂର୍ବରୁ ପ୍ରଭାବିତ ଅଞ୍ଚଳଗୁଡିକର ସମୂହ ବିକାଶ ପାଇଁ ଅନେକ ପ୍ରତିଶ୍ରୁତି ମିଳିଥିଲା। କମ୍ପାନୀ ଏବଂ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଲୋକଙ୍କୁ ଉପକୃତ କରାଇବା ବଦଳରେ ଯୋଜନା ନାମରେ ବ୍ୟାପକ ଅନିୟମିତତା ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷା ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ ଏବଂ ରାସ୍ତା ଏବଂ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀ ତଥା ସାଧାରଣ ଲୋକଙ୍କୁ କାମଧନ୍ଦା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରାଯାଇଛି। ପ୍ରତିଶ୍ରୁତି ଏଠାରେ ପ୍ରତାରଣା ସାଜିଛି ବୋଲି କହି ଅଞ୍ଚଳବାସୀ ରାଜ୍ୟ ସରକାର ଓ ପ୍ରଶାସନ ଉଦ୍ଦେଶ୍ୟରେ ଅସନ୍ତୋଷ ଝାଡିଛନ୍ତି।

ଦୁର୍ଗମ ପାଜିଖାଲ ଗାଁ

## ଦୋଳାରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି ରୋଗୀ



- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ନଗ୍ନ ନମୁନା
- ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରୁନି

ଥୁଆମୂଳ ରାମପୁର, ୩।୪(ସମିସ)

ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନି। ଏଣୁ ଗର୍ଭବତୀ ମହିଳା ଅବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାପାଇଁ ଖଟିଆ କିମ୍ବା ଦୋଳାର ସାହାଯ୍ୟ ନେବାକୁ ପଡୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତର ଦୁର୍ଗମ ଗାଁ ପାଜିଖାଲରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଏହି ଗାଁର ସୁନ୍ଦରୁ ମାଝୀଙ୍କ ସ୍ତ୍ରୀ ମାହାରି ମାଝୀ (୪୫) କିଛିଦିନ ହେବ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେ ଗୁରୁତର ହେବା ଦେଖି ସିଙ୍ଗା ମାଝୀ, କାଳିଆ ମାଝୀ ଏବଂ କୁଟୁ ମାଝୀ ପ୍ରମୁଖ ଡାକ୍ତରଖାନା ନେବାକୁ ବାହାରିଥିଲେ। ଏଥିପାଇଁ ପ୍ରାୟ ୫ କିଲୋମିଟର ଦୋଳାରେ ବୋହିବାକୁ ପଡ଼ିଥିଲା। କଳାହାଣ୍ଡି-ରାୟଗଡ଼ା ସୀମାନ୍ତ କଲ୍ୟାଣସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ସିଲେଟ-କଲ୍ୟାଣସିଂପୁର ମୁଖ୍ୟ ରାସ୍ତାକୁ ଦୋଳାରେ ଆଣିବାକୁ ପଡ଼ିଥିଲା। ସେଠାରୁ ଏକ ଘରୋଇ ଗାଡି ମାଧ୍ୟମରେ ଡାକ୍ତରଖାନା ନେଇଥଲେ। ଏଭଳି ଅନେକ ଉଦାହରଣ ରହିଛି। ଏହି ଗ୍ରାମବାସୀଙ୍କ ପାଇଁ ଏଭଳି ସମସ୍ୟା ସବୁଦିନିଆ ଏବଂ ଦେହସୁହା ହୋଇସାରିଛି। ଗ୍ରାମରେ ପ୍ରାୟ ୨୦ ଘର ଆଦିବାସୀ ପରିବାର ବସବାସ କରନ୍ତି। ଏହି ଗାଁକୁ ରାସ୍ତା ନାହିଁ। ପାହାଡିଆ ଅଞ୍ଚଳର ଜଙ୍ଗଲୀ ପାଦଚଲା ରାସ୍ତାରେ ଚାଲି ଚାଲି ଯିବା ମଧ ଲୋକଙ୍କ ଲାଗି ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ। ପଞ୍ଚାୟତ ମୁଖ୍ୟାଳୟଠାରୁ ଏହି ଗାଁ ବେଶୀ ଦୂର ନୁହେଁ। ମାତ୍ର ୧୦ କିଲୋମିଟର ଦୂର। ଏହା ସତ୍ତ୍ୱେ ଏହି ଗାଁର ସାମାନ୍ୟ ରାସ୍ତା ଉନ୍ନତି ହୋଇପାରୁନି। ଅନ୍ୟ ସମସ୍ୟା କଥା କିଏ ପଚାରେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

## ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ



ସୁବଳୟା,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀସ୍ଥିତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତିସଭ୍ୟା ରିତା ଗର୍ଡିଆ, ମୁଖ୍ୟବକ୍ତା ଭାବେ ମୁର୍ଷୁଣ୍ଡୀ କ୍ଲଷ୍ଟର ସିଆରସିସି ପ୍ରମୋଦ ବିଶ୍ୱାଳ ଏବଂ ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ମନୋଜ ନାଏକ ଉପସ୍ଥିତ ଥିଲେ। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅବସରରେ ଶିଶୁ ଭାଇ ଭଉଣୀଙ୍କୁ ଫୁଲ ଚନ୍ଦନ ଲଗାଇ ଶିକ୍ଷକମାନେ ବନ୍ଦାପନା କରି ଶ୍ରେଣୀର କୋଠରୀକୁ ପ୍ରବେଶ କରାଇଥିଲେ। ଶେଷରେ ସଂଗୀତା ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



**ମନମୁଣ୍ଡା:** ଦହ୍ୟା ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପର୍ବର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବେଦବ୍ରହ୍ମା ଦାସ, ଦହ୍ୟା ସିଆରସିସି କାହ୍ନୁଚରଣ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ମେହେର ଅତିଥି ଭାବେ ଯୋଗ ଦେଇଥିଲେ।

### ଦଣ୍ଡ ଢୋଲରେ ଗର୍ଜୁଛି ଗାଁ ଦାଣ୍ଡ

## ନିଷ୍ଠା ଓ ପରମ୍ପରାର ମହାପର୍ବ 'ଦଣ୍ଡ'

ସୋନପୁର,୩।୪(ସମିସ)



ଦଣ୍ଡ ଢୋଲରେ ସୁବର୍ଣ୍ଣପୁର ଜିଲ୍ଲାର ଗାଁ ଗଣ୍ଡା ଗରଜି ଯାଉଛି। ଚୈତ୍ରମାସ ଆରମ୍ଭରୁ ଦଣ୍ଡଯାତ୍ରା ଯୋଗୁଁ ସାରା ଜିଲ୍ଲା ଦୁଲୁକୁଛି। ଦଣ୍ଡ ନାଚର ଭୁକ୍ତାମାନେ ବଡ଼ ନିଷ୍ଠାରେ ଏକ ଗାଁରୁ ଅନ୍ୟ ଗାଁକୁ ଦଣ୍ଡ ଯାତ୍ରା କରୁଛନ୍ତି। ଚୈତ୍ରମାସର ପ୍ରଚଣ୍ଡ ଖରାକୁ ଖାତିର ନକରି ମାନସିକଧାରୀ ଦଣ୍ଡୁଆ ଓ ତେର ଭୋକ୍ତା ଦଣ୍ଡଯାତ୍ରା ଭିଆଉଛନ୍ତି। କେଉଁଠି ଷୋହଳ ସୁଆଙ୍ଗ ଦଣ୍ଡ ତ ଆଉ କେଉଁଠି ଲୀଳା ଦଣ୍ଡ ଆୟୋଜିତ ହେଉଛି। ଜିଲ୍ଲା ତଥା ନିକଟସ୍ଥ ବୌଦ୍ଧ ଜିଲ୍ଲାର ବିଭିନ୍ନ ଶୈବପୀଠରୁ ଦଣ୍ଡଦଳଗୁଡ଼ିକ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି।

ତେବେ ଦଣ୍ଡ ନୃତ୍ୟ ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯାଉଥିବା ବେଳେ ମନୋରମ ପରିବେଶ ସୃଷ୍ଟି ହେଉଛି। ସୁବର୍ଣ୍ଣପୁର ଜିଲ୍ଲାର ଏକ ପ୍ରାଚୀନ ପରମ୍ପରା ହେଉଛି ଦଣ୍ଡଯାତ୍ରା। ପ୍ରତିବର୍ଷ ଚୈତ୍ର ମାସରେ ଏହି ନିଷ୍ଠା ଓ ପରମ୍ପରାର ପର୍ବ ଅନୁଷ୍ଠିତ ହୋଇଥାଏ। ଦଣ୍ଡଯାତ୍ରାରେ ଯେଉଁମାନେ ପ୍ରଦର୍ଶନ କରିଥାନ୍ତି, ସେମାନଙ୍କୁ ଦଣ୍ଡୁଆ କୁହାଯାଏ। ମହାବିଷୁବ ସଂକ୍ରାନ୍ତି ଆରମ୍ଭର ୨୧ କିମ୍ବା ୧୩ ଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ଦଣ୍ଡୁଆମାନେ ପରମ୍ପରା ଅନୁସାରେ ଯନ୍ତ୍ରଣାଦାୟକ ନୃତ୍ୟ ପରିବେଷଣ କରି ଭଗବାନ ଶିବ ଓ କାଳିଙ୍କୁ ପୂଜା କରିଥାନ୍ତି। ସେମାନେ ଯାତ୍ରା ସମୟରେ ଦିନରେ ଗୋଟିଏ ଥର ଖାଦ୍ୟ ଖାଇଥାନ୍ତି। ଦଣ୍ଡଯାତ୍ରାରେ କଠିନ ରୀତିନୀତି ମାନିବାକୁ ଥିଲେ ମଧ୍ୟ ପ୍ରତିବର୍ଷ ସୁବର୍ଣ୍ଣପୁର ଜିଲ୍ଲାରେ ଶତାଧିକ ଭକ୍ତ ଏଥିରେ ସାମିଲ ହୋଇଥାନ୍ତି। ସୁବର୍ଣ୍ଣପୁର ଗଡ଼ଜାତରେ ରାଜାରାଜୁଡ଼ାଙ୍କ ଶାସନ ସମୟରୁ ଏହି ପର୍ବର ଆରମ୍ଭ ହୋଇଥିଲା। ଦଣ୍ଡ ଯାତ୍ରା ମୁଖ୍ୟତଃ ତିନି ପ୍ରକାରର ହୋଇଥାଏ। ପାଣି ଦଣ୍ଡ, ଧୂଳି ଦଣ୍ଡ, ଅଗ୍ନି ଦଣ୍ଡ ହେଉଛି ଦଣ୍ଡର ମୁଖ୍ୟ ପରମ୍ପରା। ଧୂଳିଦଣ୍ଡ ପ୍ରଦର୍ଶନ କଲାବେଳେ ଦଣ୍ଡୁଆମାନେ ଗାଁ ଦାଣ୍ଡରେ ଧୂଳି ବାଲିରେ ଗଡ଼ିଥାନ୍ତି। ପରେ ପାଣି ଦଣ୍ଡ ନିୟମ ଅନୁସାରେ, ସୂର୍ଯ୍ୟାସ୍ତ ସମୟରେ ଗାଁ ଗୁଡ଼ିକରେ ଥିବା ପୋଖରୀରେ ଘଣ୍ଟାଘଣ୍ଟା ରହି ପୂଜା କରିଥାନ୍ତି। ଶେଷରେ ହୋଇଥାଏ ଅଗ୍ନିଦଣ୍ଡ, ଏହିଦଣ୍ଡ ମୁଖ୍ୟତଃ ମଧ୍ୟରାତ୍ରିରୁ ଆରମ୍ଭ ହୁଏ। ଦଣ୍ଡୁଆମାନେ ନିଜର ମାନସିକ ଅନୁସାରେ ଧୂପ ଓ ନିଆଁରେ ଖେଳି ମା' କାଳି ଓ ଶିବଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ପୂଜା କରିଥାନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ତେଲଣ୍ଡା ଗ୍ରାମର ଦଣ୍ଡ ଦଳ ସୋନପୁରକୁ ଆସିଲେ ସାରା ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ।

## ପୂର୍ବତନ ସରପଞ୍ଚ ଗଦାଧର ପଣ୍ଡାଙ୍କ ପରଲୋକ

ବୀରମହାରାଜପୁର,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଗା ପଞ୍ଚାୟତ ଅଧୀନ ବଡ଼ଖମାର ଗାଁ'ର ଗୌନ୍ତିଆ ଗଦାଧର ପଣ୍ଡା(୭୦)ଙ୍କ ପରଲୋକ ଘଟିଛି।



ସେ ଏକାଧାରରେ ଜଣେ ନାଟ୍ୟଗୁରୁ, ନିର୍ଦ୍ଦେଶକ, ମୃଦଙ୍ଗ ବାଦକ ସହିତ ଜଟେସିଙ୍ଗା ପଞ୍ଚାୟତର ଲଗାତାର ତିନିଥର ସରପଞ୍ଚ ଭାବରେ ନିର୍ବାଚିତ ହୋଇ ବେଶ୍ ସଫଳତାର ସହିତ କାର୍ଯ୍ୟ ତୁଲାଇଥିଲେ। ଜଣେ ଆଗଧାଡ଼ିର କୃଷକ ଭାବରେ ମଧ୍ୟ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ପରଲୋକରେ ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସ୍ୱୟମ୍ଭୂନାଥ ଖଣ୍ଡଗିରୀ, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ଅନ୍ତିମ ସଂସ୍କାର ବଡ଼ଖମାର ମଠ ପାଖରେ ଥିବା ଭଙ୍ଗାମୁଣ୍ଡା ପୈତୃକ ସ୍ଥାନରେ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଆଇନଜୀବୀ ସୁବ୍ରତ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ଶୋକସଭା ଆୟୋଜିତ ହୋଇଥିଲା। ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ପୌରୋହିତ୍ୟରେ ସଭାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପଣ୍ଡା ଅନୁଷ୍ଠାନର ସଦସ୍ୟ ଥିବାରୁ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସଦସ୍ୟ ଭୂଷଣ ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଡ. ଦ୍ୱିତୀକୃଷ୍ଣ ପଣ୍ଡା, ଦୟାନିଧି ହୋତା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ବିନିକା,୩।୪(ସମିସ): ବିନିକା ସାମ୍ବାଦିକ ସଂଘର ସଦସ୍ୟ ରବୀନ୍ଦ୍ର ହୋତାଙ୍କ ମାତା ସଂଯୁକ୍ତା ହୋତା(୭୫)ଙ୍କ ପରଲୋକ ଘଟିଛି। ବିନିକା ଏନଏସି ଅଧୀନସ୍ଥ ରହିଲା ଗ୍ରାମର ବାଞ୍ଛାନିଧି ହୋତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ସଂଯୁକ୍ତା ଜଣେ ଧର୍ମପରାୟଣ ମହିଳା ଭାବେ ବେଶ ଜଣାଶୁଣା ଥିଲେ। ପରଲୋକ ଖବର ଶୁଣି ପୁଅ ମହେନ୍ଦ୍ର ହୋତା, ଦେବାଶିଷ ହୋତା, ୨ଝିଅ, ନାତିନାତୁଣୀଙ୍କ ସମେତ ବନ୍ଧୁ ବାନ୍ଧବ ଘରକୁ ଆସି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିକଟସ୍ଥ ପାପକ୍ଷୟ ଶ୍ମଶାନ ଘାଟକୁ ନିଆଯାଇଥିଲା। ସେଠାରେ ବଡ଼ପୁଅ ଗୋବିନ୍ଦ ପ୍ରସାଦ ହୋତା ମୁଖାଗ୍ନି ଦେଇଥିଲେ।

## ଅସହ୍ୟ ତାତିରେ କଲବଲ କରୁଛି ଇଟାଭାଟି



ସୁବଳୟା,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ବେଆଇନ ଭାବେ ବେଧଡ଼କ ମାଟି ଇଟାଭାଟି ଚାଲୁଥିବା ନେଇ ଅଭିଯୋଗ ହେଉଛି। ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ବେଳେ ବିଭାଗ ପକ୍ଷରୁ ଚଢ଼ଉ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ଜୋରଧରୁଛି। ଅଞ୍ଚଳରେ କିଛିଦିନ ହେଲା ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଛି। ଟାଣ ଖରା ସହ ଉତ୍ତାପ ବୃଦ୍ଧି ଯୋଗୁଁ ମଧ୍ୟାହ୍ନରେ ଜୀବନ ଯାତ୍ରା ଠପ୍ ହୋଇପଡୁଛି। ପ୍ରତିବର୍ଷ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜଙ୍ଗଲ ଧ୍ୱଂସ, ନଦୀ ନାଳରେ ଜଳ ସଙ୍କଟ ଓ ଭୂତଳ ଜଳସ୍ତର ହ୍ରାସ ଆଦି କାରଣ ବୋଲି ପରିବେଶବିତ ମତପ୍ରକାଶ କରିବାସହ ଚିନ୍ତା ପ୍ରକଟ କରୁଛନ୍ତି। ଅଞ୍ଚଳରେ ବ୍ୟାପକ ମାତ୍ରାରେ ଗଢ଼ି ଉଠିଥିବା ମାଟି ଇଟାଭାଟି ତାପମାତ୍ରା ବୃଦ୍ଧି ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ମାଟି ଇଟାଭାଟି ବେଆଇନ ଘୋଷଣା କରିବା ସହ ଏସମ୍ପର୍କରେ ସଚେତନତା ସୃଷ୍ଟି ଓ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସୁବଳୟା, ବାଗବର, ପିତାମହୁଲ, ଖଣ୍ଡହତା, ମୁର୍ଷୁଣ୍ଡୀ, ବହଳପଦର ଓ ପଞ୍ଚାୟତରେ ବ୍ୟାପକ ଭାବେ ମାଟି ଇଟାଭାଟି ପୋଡ଼ା ଚାଲିଥିବା ଅଭିଯୋଗ ହେଉଛି। ତାପମାତ୍ରା ବୃଦ୍ଧି ଭଳି ଗୁରୁତର ସମସ୍ୟାକୁ ନେଇ ତୁରନ୍ତ ମାଟି ଇଟାଭାଟିଗୁଡ଼ିକ ଉପରେ ଚଢ଼ଉ କରି ବନ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା



ସୁବଳୟା,୩।୪(ସମିସ): ବୀରମହାରାଜପୁର ବ୍ଲକ ଅଧୀନ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲାଲାବହାଦୁର ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ କେନଝରିଆପାଲିର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ବିନୟ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମଣ ବଘାର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଦେହୁରୀ ଏବଂ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ହରିଶଙ୍କର ରଣା, ପରିଚାଳନା କମିଟିର ସଭାପତି ଉମେଶ ବଗର୍ତି, ପଞ୍ଚସଖା ଶିକ୍ଷାସେତୁର ସଭାପତି ପରମାନନ୍ଦ ପଧାନ ଓ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦଣ୍ଡଧର ପାତ୍ର ମଞ୍ଚାସିନ ଥିଲେ। ସଭାକୁ ଅଚଣ୍ଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ ମିଶ୍ର ପରିଚାଳନା କରିଥିବା ବେଳେ କେନଝରିଆପାଲି ସ୍କୁଲର ପ୍ରଧାନଶିକ୍ଷକ ନବୀନ ସୁନ୍ଦର ଜଗଦଲା ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରକଳ୍ପସ୍ତରୀୟ ମାଷ୍ଟର ଟ୍ରେନର୍ ତାଲିମ ଶିବିର

ବୀରମହାରାଜପୁର,୩।୪(ସମିସ): ସ୍ଥାନୀୟ ବୀରମହାରାଜପୁର କଲ୍ୟାଣମଣ୍ଡପରେ ପ୍ରକଳ୍ପସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଚାରିଦିନ ଧରି ହେବାକୁ ଥିବା "ପୋଷଣ ଭି ପଢ଼ାଇ ଭି' କାର୍ଯ୍ୟକ୍ରମକୁ ବ୍ଲକ୍ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଲତା ସ୍ୱାଇଁ ଶୁଭ ଉଦ୍‌ଘାଟନ କରିଥିଲେ। ଶିବିରରେ ଭାରତୀ ମିଶ୍ର, ମିନତୀ ମିଶ୍ର, ଆରତୀ ମିଶ୍ର ପ୍ରମୁଖ ତାଲିମ ଦାତା ଭାବରେ ଯୋଗଦେଇଥିଲେ। ଶିବିରରେ ୧୦୦ଜଣରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ଏବଂ ସୁପରଭାଇଜର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ବିଶି ପରିଚାଳନା କରିଥିଲେ।



## ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ



ବୌଦ୍ଧ,୩।୪(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ନିକଟରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏହାର ଶୁଭାରମ୍ଭ କରିଛନ୍ତି। ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଅଭିଯୋଗ ଓ କାର୍ଯ୍ୟ ନେଇ ଆସୁଥିବା ଜିଲ୍ଲାର ଜନସାଧାରଣ ଓ କାର୍ଯ୍ୟାଳୟର କର୍ମଚାରୀଙ୍କ ବ୍ୟବହାର ପାଇଁ ଜିଲ୍ଲାପାଳ ଏହାର ଲୋକାର୍ପଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟର କଣ୍ଟିଜେନସି ଫଣ୍ଡରୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନ ପ୍ରତିଷ୍ଠା କରା ଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ ବାଣ୍ଡୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଲିଆର ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକୃର ଜାନୀ, ନିଜାରତ୍ ଅଫିସର ଭଗବାନ୍ ଜାନୀ, ସହକାରୀ ଜିଲ୍ଲାପାଳ ସୁଧର୍ମା ମଲ୍ଲିକ, ଚାନ୍ଦିନୀ ମେହେର, ନିଜାରତ୍ ଉପ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ସମ୍ବିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଡଭଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିନିକା,୩।୪(ସମିସ): ବିନିକା ଏନ୍‌ଏସି ଅଧୀନ ଡଭଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମିଳା ପଧାନଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ସଭାପତି ତଥା ସାମ୍ବାଦିକ ଦଧିବାମନ ନାୟକ ଏବଂ ସମ୍ମାନିତ ଅତିଥି କାଉନସିଲର କଳ୍ପନା ଦିପ, ପରିଚାଳନା କମିଟି ସଭାପତି ରୋହିତାସ ଗଡ଼ୁଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ବ୍ୟାସଦେବ କୁଅଁର ଓ ଆଶୁତୋଷ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଭାରପ୍ରାପ୍ତ ଅଧିକାରୀଙ୍କ ଭରସାରେ ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ

ଶଗଡ଼ା,୩।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ଥିବା ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଦୀର୍ଘ ୫ ବର୍ଷ ହେବ କୌଣସି ସ୍ଥାୟୀ ଅଧିକାରୀ ନିଯୁକ୍ତି ହୋଇ ନାହାନ୍ତି। କେବଳ ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ ଏହି କାର୍ଯ୍ୟାଳୟ ଚାଲିଛି। ବର୍ତ୍ତମାନ ଏହି କାର୍ଯ୍ୟାଳୟ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି; ହେଲେ ସ୍ଥାୟୀ ଅଧିକାରୀ ନ ଥିବାରୁ ଅର୍ଥ ବାଟମାରଣା ହେଉଛି। ଯୋଜନାର ଠିକ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ବିଭିନ୍ନ ଯୋଜନାରେ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ନ ହୋଇ ଫେରି ଯାଉଛି। ଠିକ୍ ସମୟରେ ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଅଧିକାରୀ ନିଯୁକ୍ତି ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏହା ଫଳରେ ଯୋଜନା ଠିକ ଭାବରେ କାର୍ଯ୍ୟକାରୀ ହେଉନି। ଲୋକେ ସରକାରୀ ସୁବିଧା ପାଇ ପାରୁ ନାହାନ୍ତି। ଜିଲ୍ଲା ପ୍ରଶାସନ କଣ୍ଟାମାଳ ବ୍ଲକର ଚାଷୀଙ୍କ ସୁବିଧା ଦୃଷ୍ଟିରୁ ସ୍ଥାୟୀ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ନିଯୁକ୍ତି କରିବାକୁ ଲୋକେ ଦାବି କରିଛନ୍ତି।

## ଲୁମୁରଜେନାରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ

ବୀରମହାରାଜପୁର,୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅଧୀନ ଲୁମୁରଜେନା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ନାମଯଜ୍ଞ କର୍ତ୍ତା ଭାବରେ କୃଷ୍ଣଚନ୍ଦ୍ର ପଣ୍ଡା ସପତ୍ନିକ କାର୍ଯ୍ୟ ତୁଲାଉଥିବା ବେଳେ ଯଜ୍ଞ ମଣ୍ଡପରେ କର୍ତ୍ତା ଭାବରେ ଦୈତାରୀ ପଣ୍ଡା ସପତ୍ନିକ କାର୍ଯ୍ୟ କରୁଛନ୍ତି। ପଣ୍ଡିତ ଭାବରେ ମଧୁସୂଦନ ରଥ ଓ ରାମକୃଷ୍ଣ ଶତପଥୀ କାର୍ଯ୍ୟ ନିର୍ବାହ କରୁଛନ୍ତି। ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ୧୨ଟି ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ନାମଯଜ୍ଞ ପୂର୍ଣ୍ଣାହୁତି ସହିତ ସଂକୀର୍ତ୍ତନ୍ୟ ବୈଠକି ଓ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ୭ ଦିନ ହେଲା ନଳକୂପ ଅଚଳ

## ପିଇବା ପାଣି ପାଇଁ ହନ୍ତସନ୍ତ ୫୦ ପରିବାର



ଶଗଡା,୩।୪(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଲୁନପଙ୍ଗା ଗ୍ରାମର ମହାକୁଡ ପଡ଼ାରେ ଥିବା ନଳକୂପର ହାଣ୍ଡେଲ ଭାଙ୍ଗି ଯିବାରୁ ୭ ଦିନରୁ ଅଧିକ ହେବ ଅଚଳ ହୋଇ ପଡ଼ିଛି। ପଡ଼ାରେ ୫୦ ପରିବାରର ୧୨୦ ଜଣ ଲୋକ ବସବାସ କରୁଛନ୍ତି। ଏହି ନଳକୂପରୁ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଖରା ବଢ଼ି ଚାଲିଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଡ଼ାବାସୀ ପିଇବା ପାଣି ସହ ଗାଧୋଇବା ପାଇଁ ଉକ୍ତ ନଳକୂପ ଉପରେ ନିର୍ଭର କରିଥାନ୍ତି। ଉକ୍ତ ନଳକୂପକୁ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ମରାମତି ହେଉନାହିଁ ବୋଲି ନାଏବ ସରପଞ୍ଚ ସନ୍ତୋଷ ମହାକୁଡ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଢୁଥିବା ଖରାର ପ୍ରକୋପ ସହ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ନଳକୂପକୁ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂପର୍କରେ କଣ୍ଟାମାଳସ୍ଥିତ ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ଶୁକ୍ରବାର ନଳକୂପର ମରାମତି କରାଯିବ ବୋଲି କହିଛନ୍ତି।

### ୩ ମାସ ହେଲା ଜଳୁନି ହାଇମାଷ୍ଟ ଲାଇଟ୍

## ଅନ୍ଧାରରେ ଗୁଡ଼ଭେଲିପଦର ବସଷ୍ଟାଣ୍ଡ

ଶଗଡା,୩।୪(ସମିସ): ସରକାର ପ୍ରତ୍ୟେକ ଛକ ସହ ଗ୍ରାମକୁ ଆଲୋକିତ କରିବା ପାଇଁ ଅନେକ ଯୋଜନା କରି ଗଳିକନ୍ଦିରେ ଷ୍ଟ୍ରିଟ ଲାଇଟ୍ ଲଗା ଯାଇଛି; ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଲାଇଟ୍ ଗୁଡ଼ିକ ଜଳୁନି। ଅନେକ ଅଚଳ ଲାଇଟ୍‌କୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି। କେହି କିନ୍ତୁ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। କଣ୍ଟାମାଳ ବ୍ଲକ ଗୁଡ଼ଭେଲି ପଦର ଗ୍ରାମର ବସଷ୍ଟାଣ୍ଡ ନିକଟରେ ଥିବା ହାଇମାକ୍ସ ଲାଇଟ ଦୀର୍ଘ ୩ମାସରୁ ଅଧିକ ହେବ ଜଳୁନି। ଗ୍ରାମର ପାଖାପାଖି ୩ ହଜାର ଲୋକ ସହ ଆଖପାଖ ୧୦ ଖଣ୍ଡ ଗ୍ରାମର ଲୋକେ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। ଲାଇଟ୍ ଜଳୁ ନ ଥିବା ବେଳେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ମଧ୍ୟ ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଅଞ୍ଚଳବାସୀ ଏହି ଲାଇଟ ମରାମତି କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି। ସେ କିନ୍ତୁ କରିବା କହି ଆଜି ପର୍ଯ୍ୟନ୍ତ ଏହା ମରାମତି କରାଯାଇ ପାରି ନାହିଁ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲ୍ଲାଦିନୀ ଭୋଇଙ୍କୁ ପଚାରିବାରୁ ସରପଞ୍ଚଙ୍କ ସହ କଥା ହୋଇ ମରାମତି କରାଯିବ ବୋଲି କହିଛନ୍ତି।

## କାର୍‌ରୁ ୧ କୁଇଣ୍ଟାଲ୍ ୧୫କେଜି ଗଞ୍ଜେଇ ଜବତ

**ଶଗଡା,୩।୪(ସମିସ):** ମନମୁଣ୍ଡା ପୁଲିସ୍ ପଲସାଗୋରା ରାସ୍ତା ନିକଟରୁ ଏକ ଗାଡିରୁ ୧ କ୍ୱିଣ୍ଟାଲ ୧୫କେଜି ଗଞ୍ଜେଇ ଜବତ କରିଛି। ମନମୁଣ୍ଡା ଥାନା ପଲସାଗୋରା ରାସ୍ତା ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଏକ କାରକୁ ତଲାସି କରିବାରୁ ବ୍ୟାପକ ଗଞ୍ଜେଇ ମିଳିଥିଲା। ତେବେ ପୁଲିସକୁ ଦେଖି ମାଫିଆ ଗାଡି ଛାଡି ଫେରାର ମାରିଥିଲେ।

## ଦିନ ଦ୍ୱିପହରରେ ମାରଣାସ୍ତ୍ର ଦେଖାଇ ଲୁଟ୍

**ମନମୁଣ୍ଡା,୩।୪(ସମିସ):** ମନମୁଣ୍ଡା ଥାନା ଦେଉଳିଠାରେ ସ୍ପଷ୍ଟ ଦିବା ଲୋକ ତଥା ଦିନ ଦ୍ୱିପ୍ରହରରେ ମାରଣାସ୍ତ୍ର ଦେଖାଇ ଜଣେ ଯୁବକଠାରୁ ୩୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶ୍ରୀହରି ନଗର



(ବାନ୍ଧନଝୁଲି) ଗ୍ରାମର ମନୋଜ ମେହେର ଲୁଟ୍‌ର ଶିକାର ହୋଇଛନ୍ତି। ଗୁରୁବାର ସାଢେ ଗୋଟାଏରେ ସେ ମନମୁଣ୍ଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍‌ରୁ ୩୦ ହଜାର ଟଙ୍କା ଉଠାଇଥିଲେ। ଏହାପରେ ତାଙ୍କ ଭାଇ ଓ ଗ୍ରାମର ଜଣେ ଯୁବକଙ୍କ ସହ ମିଶି ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ୪୧ ନମ୍ବର ରାଜ୍ୟପଥର ମନମୁଣ୍ଡା -କଣ୍ଠାମାଳ ରାସ୍ତା ମନମୁଣ୍ଡାର ଦେଉଳିଠାରେ ଥିବା ମଦ ଭାଟି ନିକଟରେ ୨ଟି ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇ ଭୁଜାଲି ଦେଖାଇଥିଲେ। ଧମକ ଦେଇ ୩୦ ହଜାର ଟଙ୍କା ଛଡାଇ ନେବାପରେ ଫେରାର ହୋଇ ଗଲେ। ମନୋଜ ଏ ନେଇ ମନମୁଣ୍ଡା ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏହାର ତଦନ୍ତ ଚଳାଇଛି।

## ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୩।୪(ସମିସ):** ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୬୫ ଲିଟର ବିୟର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ପରିବନ୍ଧ ଗ୍ରାମର ସୁରେଶ ପ୍ରଧାନ (୩୨)। ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ମନମୁଣ୍ଡା ଥାନା ପରିବନ୍ଧ ଗ୍ରାମ ରାସ୍ତା ନିକଟରେ ଚଢଉ କରିଥିଲା। ଏ ସଂକ୍ରାନ୍ତରେ ମନମୁଣ୍ଡା ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ ହୋଇଛି।

## ରାଜ୍ୟ ବିଜେପି ସଭାପତିଙ୍କ ବୌଦ୍ଧ ଗସ୍ତ

**ବୌଦ୍ଧ, ୩।୪(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବୌଦ୍ଧ ଗସ୍ତରେ ଆସିଛନ୍ତି। ବୌଦ୍ଧ ସର୍କିଟ ହାଉସ୍‌ଠାରେ ସେ ଦଳୀୟ କର୍ମକର୍ତ୍ତାଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମକର୍ତ୍ତା ସମ୍ମିଳନୀରେ ଶ୍ରୀ ସାମଲ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ସମ୍ପର୍କରେ ପ୍ରଚାର ପ୍ରସାର କରିବା ସହ ଲୋକଙ୍କ ସମସ୍ୟା ସହ ଜଡିତ ରହି ତାହାର ସମାଧାନ କରିବା ପାଇଁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି କର୍ମକର୍ତ୍ତା ସମ୍ମିଳନୀରେ ବିଜେପିର ବରିଷ୍ଠ ନେତୃବୃନ୍ଦଙ୍କ ସହ ଜିଲ୍ଲାର ବିଭିନ୍ନ ମଣ୍ଡଳର ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ଶ୍ରୀ ସାମଲ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ରକ୍ତହୀନତା ରୋଗରେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି ଯୁବତୀ

### ରକ୍ତଦାନ କରି ଜୀବନ ବଞ୍ଚାଇଲେ ସାମ୍ବାଦିକ

**ସିନାପାଲି, ୩।୪(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଲିଟଗୁଡ଼ା ଗ୍ରାମର ବାପା-ମାଆ ଛେଉଣ୍ଡ ମଞ୍ଜୁରୀ ମାଝି ନାମକ ଯୁବତୀଙ୍କୁ ରକ୍ତଦାନ କରି ଯୁବ ସାମ୍ବାଦିକ ଜଗନ୍ନାଥ ସାଗର ଜୀବନ ବଞ୍ଚାଇ ମହାନତାର ପରିଚୟ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ମଞ୍ଜୁରୀ ମାଝି (୨୨) ରକ୍ତହୀନତା ରୋଗରେ ପୀଡ଼ିତ ହୋଇ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଏ- ପଜିଟିଭ ରକ୍ତର ଆବଶ୍ୟକ ହେବାରୁ ପାଖରେ ସମ୍ବଳର ଅଭାବ ଯୋଗୁଁ ରକ୍ତ ଯୋଗାଡ଼ କରିପାରୁ ନଥିବାରୁ ଚିନ୍ତାରେ ଭାଙ୍ଗି ପଡ଼ିଥିଲେ। ସିନାପାଲି ଅଞ୍ଚଳର ରକ୍ତଦାତା ଗ୍ରୁପ୍‌ରୁ ଯୋଗାଯୋଗ କରିବାରୁ ଶ୍ରୀ ସାଗର ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି। ସେ ପୂର୍ବରୁ ୫୪ଥର ରକ୍ତଦାନ କରି ଅନେକ ନିରୀହ ଲୋକଙ୍କ ଜୀବନ ବଞ୍ଚାଇଛନ୍ତି।



ସୂଚନାନୁଯାୟୀ, ବାପା ତୁରୁ ମାଝୀ ଓ ମାଆ ମିଥିଳା ମାଝୀ କରୋନାରେ ପଡ଼ି ଆରପାରିକୁ ଚାଲିଗଲେ। ସେହିଦିନରୁ ବାପା ମାଆଙ୍କୁ ଝୁରି ଭାଗ୍ୟକୁ ଆଦରି ଅସହାୟ ଅବସ୍ଥାରେ କାଳାତିପାତ କରୁଥିବା ବେଳେ ଏବେ ମଞ୍ଜୁରୀ ରକ୍ତହୀନତା ରୋଗରେ ପଡ଼ି ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଗରୀବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନ ଅତିବାହିତ କରୁଛନ୍ତି। ନାମକୁ ମାତ୍ର ଜମିଥିବା ବେଳେ ପର ଘରେ କୁଲି ମଜୁରୀ କରି ଯାହା ମିଳେ ସେଥିରୁ ଚଳିଥାଆନ୍ତି। ଏଭଳି ପରିସ୍ଥିତିରେ ରକ୍ତହୀନତା ରୋଗରେ ପୀଡ଼ିତ ଥିବାବେଳେ ବାରମ୍ବାର ରକ୍ତର ଆବଶ୍ୟକ ପଡୁଥିବାରୁ ଏବେ ଚିନ୍ତିତରେ ରହିଛନ୍ତି। ସରକାରୀ ସାହାଯ୍ୟ ସହଯୋଗର ହାତ ବଢ଼ାଇଲେ ନିରୀହ ମଞ୍ଜୁରୀର ଜୀବନ ବଞ୍ଚିଯିବ ବୋଲି ଗ୍ରାମର ଜନସାଧାରଣ ପ୍ରକାଶ କରିଛନ୍ତି।

## ବିଦ୍ୟାଳୟ, ମନ୍ଦିରକୁ ୱାଟରକୁଲର ଦେଲା ପିଏନ୍‌ବି




**ସୋନପୁର, ୩।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହରର ଦୁଇ ପୁରାତନ ଶିକ୍ଷାନୁଷ୍ଠାନରେ ୱାଟର କୁଲର ସ୍ଥାପନ କରାଯାଇଛି। ପଞ୍ଜାବ ନାସନାଲ ବ୍ୟାଙ୍କ (ପିଏନବି) ତାହାର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ୱାଟର କୁଲର ପ୍ରଦାନ କରିଛି। ମହାରାଜା ହାଇସ୍କୁଲ ଏବଂ ସୋନପୁର କଲେଜକୁ ଏହି ୱାଟର କୁଲର ପ୍ରଦାନ କରାଯାଇଛି। ମହାରାଜା ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏନବି ସମ୍ବଲପୁର ମଣ୍ଡଳ ପ୍ରମୁଖ ଅଜିତ ମେହେର, ପ୍ରଧାନ ଶିକ୍ଷକ ଆଶିଷ ରଥ, ବିଦ୍ୟାଳୟର ପୁରାତନ ଛାତ୍ର ଅଭିନେତା ପ୍ରଦ୍ୟୁମ୍ନ ସାହୁ, ସାମ୍ବାଦିକ ଧରଣୀଧର ମିଶ୍ର, ସୁଶାନ୍ତ ପଣ୍ଡା, ରଞ୍ଜନ ବାରିକ, ସୋନପୁର ଶାଖା ପରିଚାଳକ ଶ୍ୟାମ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୋନପୁର ମହାବିଦ୍ୟାଳୟର ରାମାନୁଜ ଛାତ୍ରବାସରେ ଏକ ୱାଟର କୁଲର ସ୍ଥାପନ କରାଯାଇଛି। ଅନ୍ୟପକ୍ଷେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ବିନିକା ପାପକ୍ଷୟ ଘାଟରେ ଥିବା ଜଗନ୍ନାଥ ମନ୍ଦିରଠାରେ ମଧ୍ୟ ଏକ ୱାଟରକୁଲର ବ୍ୟବସ୍ଥା କରାଯାଇଛି।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ

**ଚାରିଛକ,୩।୪(ସମିସ):** ରାଜ୍ୟ ସିଟି ଓ ଜିଏସଟି କମିଶନର ଜାମିନୀ ଷଡ଼ଙ୍ଗୀ ଚାରିଛକସ୍ଥିତ ଦୁଗ୍ଧ ଶୀତଳିକରଣ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନ ମାଇ ବାଛୁରୀ ଯୋଜନାର ଶୁଭାରମ୍ଭ କରିଥିଲେ। ଏହାସହ ବାଛୁରୀ ଦାନା ବିତରଣ କାର୍ଯ୍ୟକ୍ରମର ମଧ ଶୁଭାରମ୍ଭ କରିଥିଲେ। ଉପସ୍ଥିତ ହିତାଧିକାରୀ ତଥା ଗୋପାଳକମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଉନ୍ନତ ପ୍ରଣାଳୀରେ ଗୋପାଳନ କରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବିଡିଓ ଶରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ମା' ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ



**ନୂଆପଡ଼ା/କୋମନା, ୩।୪(ସମିସ):** ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ନୂଆପଡ଼ା ଜିଲ୍ଲା କୋମନା ମା' ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କରିଥିବାବେଳେ ପତ୍ନୀ କୌଶଲ୍ୟା ସାଏଙ୍କ ସହ ମିଶି ପୂଜାର୍ଚ୍ଚନା କରିଛନ୍ତି। ମଧ୍ୟାହ୍ନ ଗୋଟାଏ ସମୟରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କୋମନାରେ ଅବତରଣ କରିଥିଲେ। ସେଠାରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କୋମନା ସହର ମଧ୍ୟସ୍ଥିତ ମା' ବୈଷ୍ଣୋଦେବୀ ମନ୍ଦିରରେ ପହଞ୍ଚିଥିଲେ। ପୁରୋଧା ସଦନ ତିୱାରୀଙ୍କ ତତ୍ତ୍ୱାବଧାନରେ ଦମ୍ପତି ଆଳତୀ ସହ ପୂଜା କରିଥିଲେ। କାର୍ଯ୍ୟକ୍ରମରେ ରାୟପୁର ସିଟି (ନର୍ଥ) ବିଧାୟକ ପୁରନ୍ଦର ମିଶ୍ର, ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ନୂଆପଡ଼ା ଜିଲ୍ଲାପାଳ, ଏସ୍‌ପି ଜିଆର ରାଘବେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ।

## ସିଟି ଓ ଜିଏସ୍‌ଟି କମିଶନରଙ୍କ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ

**ବୌଦ୍ଧ, ୩।୪(ସମିସ):** ରାଜ୍ୟ ସିଟି ଓ ଜିଏସଟି କମିଶନର ଜାମିନୀ ଷଡଙ୍ଗୀ ଦୁଇ ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ହରଭଙ୍ଗା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୁରୁଣାକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚ ସଖା ଶିକ୍ଷା ସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବୁଲି ଦେଖିଥିଲେ। ଲୁଣିବାହାଲ ପଞ୍ଚାୟତ ବଡବନ୍ଧରେ ଥିବା ଅଙ୍ଗନବାଡି କେନ୍ଦ୍ର ଓ ବଡବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ପରିଦର୍ଶନ କରିଥିଲେ। ପରେ ବିରନରସିଂହପୁରସ୍ଥିତ ଶିଶୁ ଯତ୍ନ ଗୃହ ପରିଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ହରଭଙ୍ଗା ବିଡିଓ ଶରତ ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଯୋଗମାୟାଙ୍କ ଦର୍ଶନକଲେ ବିଦେଶୀ ଭକ୍ତ



**କେସିଙ୍ଗା, ୩।୪(ସମିସ):** କେସିଙ୍ଗା ଗୁର୍ଜିମୁଣ୍ଡାସ୍ଥିତ ମା' ଯୋଗମାୟାପୀଠରେ ବିଦେଶୀ ଭକ୍ତ ମା'ଙ୍କ ଦର୍ଶନ କରିଛନ୍ତି। ସୁଇଜରଲ୍ୟାଣ୍ଡ ଜେନେଭାରୁ ଆସିଥିବା ଏହି ୨ ବିଦେଶୀ ପର୍ଯ୍ୟଟକ କଳାହାଣ୍ଡିର ବିଭିନ୍ନ ସ୍ଥାନ ବୁଲିଛନ୍ତି। ଏହି ଅବସରରେ ଗୁରୁବାର ସେମାନେ ଯୋଗଗାୟା ପୀଠକୁ ଆସି ପୂଜାର୍ଚ୍ଚନା କରିବା ସହ ଆଳତୀ ଦର୍ଶନ କରିଥିଲେ। ପୂର୍ବରୁ ମଧ ୨୦୧୯ରେ ଉଭୟ ଏହି ପୀଠକୁ ଆସିଥିଲେ। ଏଥର ମଧ କଳାହାଣ୍ଡି ଆସିଥିବା ବେଳେ ଉଭୟ ଏହି ପୀଠକୁ ଆସିବାକୁ ମନସ୍ଥ କରିଥିଲେ।

# ଭାଲୁଡୁଙ୍ଗୁରି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୁବଳୟା,୩।୪(ସମିସ):** ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ କ୍ଲଷ୍ଟର ଭାଲୁଡୁଙ୍ଗୁରି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକଉତ୍ସବ ଓ ଆମସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବରାଜ ଭୋଇଙ୍କ ସଭାପତିତ୍ୱରେ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଲୁଡୁରପଙ୍କ କ୍ଲଷ୍ଟରର ସିଆରସିସି ବାଙ୍କାବିହାରୀ ମହାକୁର ଏବଂ ସମ୍ମାନିତ ଅତିଥି ଭାବେ ଘିଚାପାଲି ୟୁପିସ୍କୁଲ ର ଶିକ୍ଷକ ମଦନସୁନ୍ଦର ଭୋଇ, ପରିଚାଳନା କମିଟିର ଉପ ସଭାପତି କୁନି ମୁଣ୍ଡା, ଅଙ୍ଗନବାଡ଼ି କର୍ମୀ ମମତା ସାହୁ, ଲଳିତ ମୁଣ୍ଡା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦେବରାଜ ଭୋଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ବିଜୟ କୁମ୍ଭାର ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମନମୁଣ୍ଡା, ୩।୪ (ସମିସ):** ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ଅଶୋଭ ରଞ୍ଜନ ମାଳି, ଏବିଇଓ ଦୁର୍ଗା ଚରଣ ପ୍ରଧାନ ମୁଖ୍ୟବକ୍ତା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଞ୍ଚସଖା ସଭାପତି ଗୋବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଜିନା ପାଢ଼ୀ, ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ଅବସରପ୍ରାପ୍ତ ଶିକ୍ଷକ ବିଜୟ ତ୍ରିପାଠୀ, ପୁରାତନ ଛାତ୍ର ଜ୍ୟୋତିରଞ୍ଜନ ପାଢ଼ୀ, ଶାନ୍ତନୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ ଅଧକ୍ଷତା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମମତା ନାୟକ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ନାଏକ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସମ୍ବିତ ମିଶ୍ର, ଜିତେନ୍ଦ୍ରୀୟ ହୋତା, ଚନ୍ଦ୍ରଶେଖର ମହାକୁଡ, ସୁଦୀପ୍ତ ଦାସ, ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ଶ୍ରଦ୍ଧାଞ୍ଜଳୀ ମହାକୁଡ, ଜ୍ୟୋତ୍ସ୍ନା ଝାଙ୍କର, ରଶ୍ମିତା ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଶିକ୍ଷା ସଚେତନତା ରଥକୁ ସ୍ୱାଗତ



**ବୀରମହାରାଜପୁର, ୩।୪(ସମିସ):** ବୀରମହାରାଜପୁର ବ୍ଲକ ଉଫୁଲା କ୍ଲଷ୍ଟରର ଦୁଇଟି ସ୍କୁଲରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ବୀରମହାରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଟିଠିପାଲି ପ୍ରାଥମିକ ବିଦ୍ୟାଳୟର ନୂଆ ଶିଶୁବାଟିକା ଶ୍ରେଣୀ ଖୋଲିବା ସହ ପ୍ରବେଶ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଯାଇଛି।ଜନସାଧାରଣ, ପରିଚାଳନା କମିଟି ସଦସ୍ୟମାନେ ଯୋଗଦାନ କରିଥିଲେ। ଅଭିଭାବକମାନେ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଖଡି ଛୁଆଁ ପର୍ବରେ ସହଯୋଗ କରିଛନ୍ତି। ଉଫୁଲା ଓ ଟିଠିପାଲି ବିଦ୍ୟାଳୟରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## 'ଆମ ପୋଷକ ଆମ ପରିଚୟ' ଦିବସ



**ସୋନପୁର,୩।୪(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ଗୁରୁବାର 'ଆମ ପୋଷକ ଆମ ପରିଚୟ' ଦିବସ ପାଳନ ଅବସରରେ ସୋନପୁରୀ ବସ୍ତ୍ରର ଖୁବ୍ ଚାହିଦା ରହିଥିଲା। ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମରେ ଭାଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

# ସମସ୍ତେ ପିନ୍ଧିଲେ ସମ୍ବଲପୁରୀ ବସ୍ତ୍ର

**ବୌଦ୍ଧ, ୩।୪(ସମିସ)**

ବୌଦ୍ଧସ୍ଥିତ ଜିଲ୍ଲା ସଂଗ୍ରହାଳୟରେ ଜିଲ୍ଲାସ୍ତରୀୟ ଓଡିଆ ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ସାହିତ୍ୟିକ ରମେଶ ପ୍ରସାଦ ମେହେର, ନୀଳଲୋହିତ ମହାପାତ୍ର, କମିରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର, ଏସଆରସିଏସ ରଘୁନାଥ ପୂଝାରୀ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଉପସ୍ଥିତ ସମସ୍ତ ଅତିଥି, ବୁଣାକାର, ବୁଦ୍ଧିଜୀବୀ ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ସମ୍ବଲପୁରୀ ହସ୍ତତନ୍ତ ପୋଷାକ ସାମଗ୍ରୀର ପ୍ରଚାର ପ୍ରସାର ଓ ବଜାର ସୃଷ୍ଟି ପାଇଁ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମସ୍ତ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ମଧ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପରିଚାଳନା କରିଥିବା ବେଳେ ସିଆରସିସି ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



